# ଏକକ ୭ ସାହିତ୍ୟ ଓ ଭାଷା

## ସଂରଚନା

୭.୦ ଉପକ୍ରମ

୭.୧ ଶିକ୍ଷଣ ଉଦ୍ଦେଶ୍ୟ

୭.୨ ସାହିତ୍ୟିକ ବିଭାବ

୭.୩ ଭାଷା ଶିକ୍ଷଣରେ ସାହିତ୍ୟର ଭୂମିକା

- ୭.୩.୧ ସାହିତ୍ୟ କ'ଣ ?
- ୭.୩.୨ ସାହିତ୍ୟର ରୂପରେଖ
- ୭.୩.୩ ଭାଷା ଶିକ୍ଷଣରେ ସାହିତ୍ୟର ବ୍ୟବହାର : ଐତିହାସିକ ପରିପ୍ରେକ୍ଷ

୭.୪ ସାହିତ୍ୟ ଶିକ୍ଷଣର ଉଦ୍ଦେଶ୍ୟ

- ୭.୪.୧ ଶ୍ରେଣୀକକ୍ଷର ପ୍ରକାର
- ୭.୪.୨ ପ୍ରଥମ ଭାଷା ଏବଂ ଦ୍ୱିତୀୟ ଭାଷା (କିମ୍ବା ବିଦେଶୀ ଭାଷା) ଶ୍ରେଣୀକକ୍ଷ
- ୭.୪.୩ ସାହିତ୍ୟ ମାଧ୍ୟମରେ ବିଭିନ୍ନ ଦକ୍ଷତାର ବିକାଶ

୭.୫ ସାହିତ୍ୟର ବିଭିନ୍ନ ରୂପ

- ୭.୫.୧ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀମାନଙ୍କରେ ସାହିତ୍ୟିକ ବିଭାବଗୁଡିକୁ ଅନ୍ତର୍ଭୁକ୍ତ କରିବାର ଆଧାର ।
- ୭.୫.୨ ଶ୍ରେଣୀରେ ସାହିତ୍ୟିକ ବିଭାବଗୁଡିକର ବ୍ୟବହାର କିପରି କରିବା ?
- ୭.୫.୩ ଶ୍ରେଣୀରେ ସମ୍ମୁଖୀନ ହେଉଥିବା ସମସ୍ୟା

୭.୬ ସାରାଂଶ

୭.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୭.୮ ପାଠାନ୍ତ ପ୍ରଶ୍ନାବଳୀ

## ୭.୧ ଉପକ୍ରମ

ଏହି ଅଧ୍ୟାୟରେ, ଆମେ ଭାଷା ଶିକ୍ଷଣରେ ସାହିତ୍ୟର ଭୂମିକାକୁ ପରୀକ୍ଷା କରିବା । ଅଧିକାଂଶ ବିଦ୍ୟାଳୟରେ, ପ୍ରାରମ୍ଭିକ ଶ୍ରେଣୀଗୁଡିକରେ ସାହିତ୍ୟକୁ ଏକ ପୃଥକ ବିଷୟ ଭାବରେ

ଟିପ୍ପଣୀ

ବିବେଚନା କରାଯାଏନାହିଁ । ଏହା ଭାଷାରେ ଅନ୍ତର୍ଭୁକ୍ତ ହୋଇଥାଏ (ଏହା ହିନ୍ଦୀ, ଇଂରାଜୀ, ସଂସ୍କୃତ କିମ୍ବା ଅନ୍ୟ କୌଣସି ଭାଷା ହୋଇଥାଇପାରେ) । ଯଦିଓ ପ୍ରାୟ ସମସ୍ତ ପାଠ୍ୟପୁସ୍ତକରେ ଗଳ୍ପ, କବିତା, ପ୍ରବନ୍ଧ ରହିଛି, ଏ ସମ୍ପର୍କରେ ସମ୍ୟକ ବିତର୍କ ଦେଖାଯାଏ ଯେ ସେଗୁଡ଼ିକର କି ଆବଶ୍ୟକତା ରହିଛି ଏବଂ ଭାଷା ଆହରଣରେ ସେଗୁଡ଼ିକର କି ପ୍ରମୁଖ ଭୂମିକା ରହିଛି ? କେତେକ ପ୍ରଶ୍ନ ଏହି ଏକକରେ ଆମେ ଆଲୋଚନା କରିବା : ସାହିତ୍ୟ କ'ଣ, ଶିଶୁ ସାହିତ୍ୟ କ'ଣ, ଏହାକୁ ଶ୍ରେଣୀରେ କିପରି ବ୍ୟବହାର କରାଯିବ ଏବଂ ଏହା କେଉଁ ଉଦ୍ଦେଶ୍ୟ ପୂରଣ କରିବ ?

## ୭.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଠନ ପରେ ଆପଣ :

- ବିଭିନ୍ନ ପ୍ରକାର ସାହିତ୍ୟ ଏବଂ ତାର ବିଭିନ୍ନ ରୂପ ବିଷୟରେ ଅବଗତ ହେବେ ।
- ଭାଷା ଆହରଣରେ ସାହିତ୍ୟର ଭୂମିକାକୁ ବିଶ୍ଳେଷଣ କରିବାରେ ସମର୍ଥ ହେବେ ।
- ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ସାହିତ୍ୟର ଚୟନ ପାଇଁ ଆପଣଙ୍କ ମତାମତ ଉପସ୍ଥାପନ କରିବାରେ ସମର୍ଥ ହେବେ ।
- ସାହିତ୍ୟ ଶିକ୍ଷଣରେ ଉପୁଜୁଥିବା ସମସ୍ୟାକୁ ଚିହ୍ନଟ କରିପାରିବେ ।
- ସାହିତ୍ୟ ଶିକ୍ଷାଦାନରେ ଶିକ୍ଷକଙ୍କ ଭୂମିକା ସ୍ପଷ୍ଟ କରିବାରେ ସମର୍ଥ ହେବେ ।

## ୭.୨ ସାହିତ୍ୟିକ ବିଭାବ

ସାଧାରଣ କଥିତ ଭାଷାଠାରୁ ସାହିତ୍ୟିକ ଭାଷା ଭିନ୍ନ ଅଟେ କାରଣ, ଏହା ବିଭିନ୍ନ ପ୍ରକାରର ସାହିତ୍ୟିକ ଓ କଳାତ୍ମକ ବିଭାବ ଯଥା, ରୂପକ, ଉପମା, ଉପମେୟ, ଅନୁପ୍ରାସ, ଯତିପାତ, ଯମକ, ପଦ୍ୟ, ଧ୍ୱନି, ସମୋଚ୍ଚାରିତ ଧ୍ୱନି ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ।

୧. **ଉପମା :** ଉପମାର ଅର୍ଥ କେତେକ ଅନନ୍ୟ ଗୁଣାବଳୀକୁ ଆଧାର କରି ଦୁଇଟି ବସ୍ତୁର ଗୁଣକୁ ତୁଳନା କରିବା । ଉପମାର ଚାରୋଟି ଉପାଦାନ ରହିଛି । 'କ' ଏବଂ 'ଖ' ମଧ୍ୟରେ ତୁଳନା କଲାବେଳେ ଯେଉଁଗୁଣକୁ ଆଧାର କରି ତୁଳନା କରାଯାଏ

ତାହା 'ଗ' ଏବଂ ସର୍ବଶେଷରେ ଗୋଟିଏ ଉପ୍ାଦାନ କ,ଖ ଓ ଗ ମଧ୍ୟରେ ସଂପର୍କ ସ୍ଥାପନ କରିବ । ଉଦାହରଣ ସ୍ୱରୂପ - ତା'ର (ସ୍ତ୍ରୀ) ମୁହଁ ଚନ୍ଦ୍ର ପରି ସୁନ୍ଦର । ଏଠାରେ ତାର (ସ୍ତ୍ରୀ) ମୁହଁ 'କ', ଚନ୍ଦ୍ର 'ଖ', ଗୁଣ 'ଗ' ହେଉଛି ସୁନ୍ଦର ଏବଂ ଏହି ତିନିଟି ମଧ୍ୟରେ ସମ୍ପର୍କ ରକ୍ଷାକରୁଛି 'ପରି' ।

୨. **ରୂପକ :** ଗୋଟିଏ ରୂପକର ଆବଶ୍ୟକୀୟ ବୈଶିଷ୍ଟ୍ୟ ହେଉଛି ଯେ ପ୍ରକ୍ରିୟାରେ ପରସ୍ପର ସହିତ ଅସାମଞ୍ଜସ୍ୟ ଥିବା ଉପାଦାନଗୁଡ଼ିକୁ ଚିହ୍ନଟ କରବା ।

ଉଦାହରଣ ସ୍ୱରୂପ -

(କ) ଓଟମାନେ ମରୁଭୂମିରେ ଦେଖାଯାଆନ୍ତି

(ଖ) ଓଟ ହେଉଛି ମରୁଭୂମିର ଜାହାଜ

'କ'ରେ କୌଣସି ରୂପକ ନାହିଁ କିନ୍ତୁ 'ଖ'ରେ ରୂପକ ଅଛି । ଯେତେବେଳେ ତୁମେ ଗୋଟିଏ ଓଟକୁ ଦେଖ ବା ତା ବିଷୟରେ ଭାବ ସେତେବେଳେ 'ଜାହାଜ' କଥା ତୁମ ମନକୁ ଆସେ ନାହିଁ । କିନ୍ତୁ ଏଠାରେ ଓଟକୁ ମରୁଭୂମିର ଜାହାଜ କଥା କହିଲେ ଗୋଟିଏ ଅଲଗା କଥା ଯେ ସମୁଦ୍ରରେ ଜାହାଜର ଭୂମିକା ଭଳି ମରୁଭୂମିରେ ଓଟର ଭୂମିକା ସମାନ ଏହା ଆପଣଙ୍କୁ ଭାବିବାକୁ ହୋଇଥାଏ । ସମୟ କ୍ରମେ କେତେକ ରୂପକଗୁଡ଼ିକ 'ମୃତ' ଓ ସେଗୁଡ଼ିକ ଆମ ଦୈନନ୍ଦିନ ଭାଷାର ଏକ ଅଂଶ ବିଶେଷ ଏବଂ ସେମାନେ ନିଜର ରୂପକ ପ୍ରଭାବ ହରାଇଛନ୍ତି ।

୩. **ଅନୁପ୍ରାସ :** ଅନୁପ୍ରାସ ହେଉଛି ଗୋଟିଏ ଗଦ୍ୟ କିମ୍ବା ପଦ୍ୟର ଗୋଟିଏ ବାକ୍ୟରେ ସମାନ ବ୍ୟଞ୍ଜନ କିମ୍ବା ସ୍ୱର ବର୍ଣ୍ଣର ପୁନରାବୃତ୍ତି । ସହଜରେ ବୁଝି ହେଉଥିବା ଗୋଟିଏ ଉଦାହରଣ ହେଉଛି : ଫେନିଳ କରାଳ ଲୋଳ ଢଳଢଳ ନୀଳ ଜଳ ସିନ୍ଧୁ ବିନ୍ଦୁ । 'ଳ' ଓ 'ନ୍ଦ'ର ପୁନରାବୃତ୍ତି ହୋଇଥିବାରୁ ଏଠାରେ ଅନୁପ୍ରାସ ହୋଇଛି ।

୪. **ସଙ୍କେତ :** ବେଳେ ବେଳେ କହିବା ବା ଲେଖିବା ସମୟରେ ଏକ ନିର୍ଦ୍ଦିଷ୍ଟ ଗୁଣକୁ ଗୁରୁତ୍ୱ ବା ସୂଚିତ କରିବା ପାଇଁ ତୀର୍ଯ୍ୟକ ଭାବେ ଆପଣ ବ୍ୟକ୍ତି ବା ବସ୍ତୁକୁ ସଂପର୍କିତ କରିଥାନ୍ତି । ଉଦାହରଣ ସ୍ୱରୂପ ଆପଣ ଏପରି ନିଶ୍ଚିତ କହନ୍ତି "ଅମିତ ସର୍ଦ୍ଦାର

ଟିପ୍ପଣୀ

ପଟେଲଙ୍କ ପରି ଟାଣୁଆ" । ଏଠାରେ ସର୍ଦ୍ଦାର ପଟେଲ ଏକ ଟାଣୁଆ ନେତା ଭାବେ ସାଙ୍କେତିକ ଅର୍ଥରେ ବ୍ୟବହାର ହୋଇଛନ୍ତି ।

୫. **ବିଦ୍ରୂପ ବା ବ୍ୟଞ୍ଜନ:** ଏହା ଏକ ସାହିତ୍ୟିକ ବା ନାଟକୀୟ ପ୍ରୟୋଗ ସାଧାରଣତଃ କାହାକୁ ଅପମାନିତ କରିବା ନିମନ୍ତେ ଶବ୍ଦର ଅନ୍ତରାଳରେ ବା ଛଳରେ ପ୍ରୟୋଗ କରାଯାଏ, ଯାହା କହିବା ଲୋକ ଯାହା ଭାବିଥାଏ, ଅନ୍ୟମାନେ ବା ଶ୍ରୋତାମାନଙ୍କ ପାଇଁ ତାହା ଭିନ୍ନ ଭାବେ ପ୍ରତୀତ ହୁଏ । ଯଥା– ଅକାଳ କୁଷ୍ମାଣ୍ଡ ଘୋଡ଼ାମୁହାଁ ପୁଅ ବଂଶନାଶ ବେଳେ ଜନ୍ମ ହୁଏ ଇତ୍ୟାଦି । ସେକ୍ସପିୟରଙ୍କ ମାକ ବେଥ ନାଟକର ମଧ୍ୟତା ଦ୍ୱାରପାଳର ବକ୍ତବ୍ୟ: *Krack Krock at the hell gate* ନର୍କ ଦ୍ୱାରରେ ଖଟ ଖଟ କର । ନର୍କଦ୍ୱାରା ଏଠାରେ ବ୍ୟଂଜନାତ୍ମକ ପ୍ରୟୋଗ ।

୬. **ଯତିପାତ ବା ପଦପାତ :** ସାଧାରଣତଃ କବିତାରେ ବା ମିତ୍ରାକ୍ଷର ଛନ୍ଦରେ ଗୋଟିଏ ପାଦର ଅନ୍ତ୍ୟବର୍ଣ୍ଣ ପରପାଦର ଶେଷବର୍ଣ ସଙ୍ଗେ ମେଳଖାଏ । ତାକୁ ଯତିପାତ ବା ପଦମେଳକ କୁହାଯାଏ । ଉଦାହରଣ ସ୍ୱରୂପ–

ଲଳିତା ଦିଶୁଛି ଲଲାଟେ ତାର ସିନ୍ଦୂର ବିନ୍ଦୁ
ମୁଖମଣ୍ଡଳକୁ ହୋଇଛି ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ ।

ଏଠାରେ ଦୁଇଧାଡ଼ିର ଅନ୍ତ୍ୟ ଶବ୍ଦ 'ଇନ୍ଦୁ' ଓ 'ବିନ୍ଦୁ'ର (ନ୍ଦୁ) ଯତିପାତ ହୋଇଛି ।

୭. **ଅତିରଂଜନ:** କବି ଓ ଲେଖକମାନେ ବହୁ ସମୟରେ ଅତିରଂଜନ କରି ଲେଖିଥାନ୍ତି । ଏହାକୁ ଅତିଶୟୋକ୍ତି ମଧ୍ୟ କୁହାଯାଏ, ଯଥା– ଋଷିଙ୍କର ବୟସ ଏହି ପାହାଡ଼ ଠାରୁ ବି ଅଧିକ । ଆମକୁ ଶୋକ ସାଗରରେ ଭସାଇ ସେ ଇହଲୀଳା ସମ୍ବରଣ କଲେ ।

୮. **ବ୍ୟକ୍ତିତ୍ୱ ଆରୋପ:** ଅନେକ ସମୟରେ କବି ଓ ଲେଖକମାନେ ସ୍ୱତନ୍ତ୍ର ପ୍ରଭାବ ଦେବା ନିମିତ୍ତ ମଣିଷ ଭଳି ପ୍ରକୃତି ଓ ପଶୁମାନଙ୍କୁ ଉପସ୍ଥାପନ କରିଥାନ୍ତି । ଜଣେ କବି ଏପରି ନିଶ୍ଚିତ ରୂପେ କହିଥାନ୍ତି – ବାୟୁ ଠିଆହୋଇ ମୋତେ କହିଲା .... । ଏଠାରେ ଜଣେ ଶକ୍ତିଶାଳୀ ମଣିଷ ରୂପେ ବାୟୁକୁ ବ୍ୟବହାର କରାଯାଇଛି ।

ଟିପ୍ପଣୀ

୯. **ପ୍ରତୀକ :** ଯେତେବେଳେ ଆମେ ଜଣକୁ ନେଇ ଅନ୍ୟଜଣଙ୍କ କଥା କହୁ ସେତେବେଳେ ପ୍ରତୀକ ବ୍ୟବହାର କରିଥାଉ । ଉଦାହରଣ ସ୍ୱରୂପ – କପୋତ ଶାନ୍ତିର ପ୍ରତୀକ ହୋଇଥାଏ । ଆମେ ଆଶାକରୁ ଯେ, ଏବେ କବିତା ଓ ଗଳ୍ପମାନ ପଢିଲେ ଆପଣ କେତେକ ସାହିତ୍ୟକ ବିଭାବଗୁଡିକୁ ଚିହ୍ନଟ କରିପାରିବେ ଓ ପାଠକ ଉପରେ ସେଗୁଡିକର ପ୍ରଭାବକୁ ପରୀକ୍ଷା ମଧ୍ୟ କରିପାରିବେ ।

**ନିଜ ପ୍ରଗତିକୁ ପରଖି ଦେଖ – ୧**

୧. ପ୍ରତୀକ, ଉପମା ଓ ରୂପକ ମଧ୍ୟରେ ପାର୍ଥକ୍ୟ କ'ଣ ?

.......................................................................

.......................................................................

.......................................................................

୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଉପମା, କେଉଁଟି ରୂପକ ଓ କେଉଁଟି ସଂକେତ ?

.......................................................................

.......................................................................

.......................................................................

(କ) ମୋର ପ୍ରେମ ହେଉଛି ଗୋଟିଏ ନାଲି, ନାଲି ଗୋଲାପ

(ଖ) ତା'ର ହସ ହେଉଛି ମୋନାଲିସାର ହସ ପରି ସୁନ୍ଦର ।

(ଗ) ଜୀବନ ହେଉଛି ସଂଘର୍ଷ

(ଘ) ସେ ପ୍ରଥମ ଦୁଇଟି ଖେଳ ଜିତିଲା, କିନ୍ତୁ ତୃତୀୟଟି ପ୍ରମାଣିତ କଲା ତା'ର ବିଫଳତା ।

(ଙ) ସେମାନଙ୍କର ମାଆ ହେଉଛି ଗୋଟିଏ ସାମର୍ଥ୍ୟର ସ୍ତମ୍ଭ ।

(ଚ) ସେ ସ୍ତମ୍ଭ ପରି ସ୍ଥିର ।

(ଛ) ସେ ଗଣିତରେ ବହୁତ ଭଲ ଥିଲା, କିନ୍ତୁ ଭାଷା ତା'ର ଦୁର୍ବଳ ଅଙ୍ଗ ।

୩. ତୁମେ ପଢ଼ିଥିବା କବିତାରେ ବ୍ୟକ୍ତିତ୍ୱ ଆରେପ ର କେତେକ ଉଦାହରଣ ଦିଅ ।

.......................................................................

ଟିପ୍ପଣୀ

..........................................................................

..........................................................................

୪. ତୁମେ ପଢ଼ିଥିବା ଇଂରାଜୀ/ହିନ୍ଦୀ କବିତାର କେତେକ ମିତ୍ରାକ୍ଷରର ଉଦାହରଣ ଦିଅ:

..........................................................................

..........................................................................

..........................................................................

୫. ସବଳ ଓ ସୂତା ଏକ ମିଳନର ଦୃଷ୍ଟାନ୍ତ । ସେହିପରି ଚିନ୍ତନ ଓ ଶୂନ୍ୟତା । ଏହିଭଳି ଆଉ ତିନିଟି ଉଦାହରଣ ଦିଅ ।

..........................................................................

..........................................................................

..........................................................................

୬. ଲେକ୍ ଏବଂ ଫେଟ୍ ଏକ ଦୃଷ୍ଟାନ୍ତ । ଏହିଭଳି ଆଉ କେତେକ ଭାବନ୍ତୁ ।

..........................................................................

..........................................................................

..........................................................................

୭. ତୁମେ ନୀଳକୁ ଭଲ ପାଅ କି ? ଏହା ମଧ୍ୟରୁ କେଉଁଟି ଏସେନାନ୍ସ, ଡିସୋନାନ୍ସ ବା ଅନୁପ୍ରାସ ବାଛ ।

## ୭.୩ ଭାଷା ଶିକ୍ଷାଦାନରେ ସାହିତ୍ୟର ଭୂମିକା

### ୭.୩.୧ ସାହିତ୍ୟ କ'ଣ ?

ସାଧାରଣତଃ ସାହିତ୍ୟର ଅର୍ଥ ହେଉଛି ଅର୍ଥ ପ୍ରକାଶ କରୁଥିବା ବ୍ୟବହୃତ ଶବ୍ଦ ।

ଶବ୍ଦ ଅର୍ଥର ମିଳନ ବିଭିନ୍ନ ବିଷୟ ଯଥା – ଇତିହାସ, ଭୂଗୋଳ, ବିଜ୍ଞାନ ଇତ୍ୟାଦି ପ୍ରସଙ୍ଗରେ ଥାଏ । ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ ବିଷୟର ନିଜସ୍ୱ ସାହିତ୍ୟ ଅଛି ଯାହାକି ସେହି ବିଷୟଟି କ'ଣ ତାହା ବର୍ଣ୍ଣନା କରିଥାଏ । ଉଦାହରଣ ସ୍ୱରୂପ – 'ରୋଷେଇ' ଏହାର ନିଜର ସାହିତ୍ୟ ବା ବିବରଣୀ ଥାଏ, ଯାହା ରୋଷେଇର ବିଭିନ୍ନ ସୋପାନଗୁଡ଼ିକ ବିଷୟରେ ବର୍ଣ୍ଣନା କରିଥାଏ । ଅନ୍ୟ ଶବ୍ଦରେ ଆମେ କହିପାରିବା ଯେ, ସାହିତ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ସଂପୂର୍ଣ୍ଣ ସୂଚନାକୁ ଅନ୍ତର୍ଭୁକ୍ତ କରିଥାଏ । ଆମକୁ ଏଠାରେ ଧ୍ୟାନ ଦେବାକୁ ହେବ ଯେ ଅନ୍ୟ ଲେଖାଠାରୁ ସାହିତ୍ୟର ଭାଷା ସମ୍ପୂର୍ଣ୍ଣ ଅଲଗା । ଅନ୍ୟ ପ୍ରସଙ୍ଗର ଲିଟରେଚର ବା ବିବରଣୀ ସାହିତ୍ୟର ନିଜସ୍ୱ ଗୁଣ ବା ଲକ୍ଷଣ ଠାରୁ ଭିନ୍ନ । ସାହିତ୍ୟ ଏକ ସ୍ୱତନ୍ତ୍ର ପ୍ରସଙ୍ଗ ବା କଳା ।

ଏହି ଦୃଷ୍ଟିକୋଣରୁ ଶବ୍ଦ ଏବଂ ଅର୍ଥ ସିଧା ଏବଂ ସରଳ ନୁହେଁ । ଏହା କଳାତ୍ମକ, ଯେ କୌଣସି ଭାଷାର ସାହିତ୍ୟ ସେହି ସମାଜ ଓ ସମୟର ଦର୍ପଣ ଅଟେ । ଏହା ଉଭୟ ବାସ୍ତବିକ ଏବଂ ସାଙ୍କେତିକ ଚିତ୍ରପଟକୁ ଉପସ୍ଥାପନା କରିଥାଏ । ଏହା ଆବେଗିକ ଭାବେ ମଣିଷ ବାସ କରୁଥିବା ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଏବଂ ସ୍ଥାନର ଭାବାବେଗ । ତେଣୁ ସାହିତ୍ୟ, କବିତା, ଉପନ୍ୟାସ, ଏକାଙ୍କିକା ଇତ୍ୟାଦିର ସାମାଜିକ, ସାଂସ୍କୃତିକ, କାଳ୍ପନିକ ଆବେଗିକ ଏବଂ ସାର୍ବଜନୀନତା ରହିବା ଉଚିତ୍ । ସାମାଜିକ ଭାବଟି ଆଞ୍ଚଳିକ ଜୀବନର ପର୍ବପର୍ବାଣୀ ଏବଂ ପୂଜାପଦ୍ଧତି ମଧ୍ୟରେ ଥିବା ସାମାନ୍ୟ ପାର୍ଥକ୍ୟରେ ପ୍ରତିବିମ୍ବିତ ହୋଇଥାଏ । ଆବେଗିକ ଭାବଟି ପାଠକମାନଙ୍କର ଭାବାବେଗ ଏବଂ ଶବ୍ଦ, ଉଚ୍ଚାରଣ ଏବଂ ଅନୁଚ୍ଛେଦ ଗଠନ ସ୍ଥାନିତ ହୋଇଥାଏ । ସାର୍ବଜନୀନ ଭାବଟି ମଣିଷ ଜୀବନର ସତ୍ୟ, ଶିବ ଏବଂ ସୁନ୍ଦର ମଧ୍ୟରେ ବିକାଶ ଘଟିଥାଏ ।

ଏହିଭଳି ଭାବେ ସମସ୍ତ ପ୍ରକାର ସାହିତ୍ୟ ସେଗୁଡ଼ିକର ଉଦ୍ଦେଶ୍ୟ ଆଧାରରେ ତିନି ଭାଗରେ ଭାଗ କରାଯାଇପାରିବ ।

(କ) ସୂଚନାତ୍ମକ ସାହିତ୍ୟ – ଏହି ପ୍ରକାର ସାହିତ୍ୟ ଜ୍ଞାନ କୋଷ, ଅଭିଧାନ, ଶବ୍ଦକୋଷ ଉଚ୍ଚାରଣ ଅଭିଧାନ, ଅନ୍ୟାନ୍ୟ ସହାୟକ ପାଠ୍ୟପୁସ୍ତକ ଆଦି ଅନ୍ତର୍ଭୁକ୍ତ କରିଥାଏ ଯାହା ଆମେ ଜାଣିନଥିବା ସୂଚନା ଆମକୁ ପ୍ରଦାନ କରିଥାଏ । ଏଗୁଡିକ ଅତ୍ୟନ୍ତ ଉପଯୋଗୀ କିନ୍ତୁ ପ୍ରସଙ୍ଗର ସୌନ୍ଦର୍ଯ୍ୟାତ୍ମକ ଓ ସାର୍ବଜନୀନ ଦିଗଗୁଡିକ ହଜିଯାଇଥିବାରୁ

ଟିପ୍ପଣୀ

ଯଥାର୍ଥରେ ଏଗୁଡିକ ସାହିତ୍ୟ ସୃଷ୍ଟି କରନ୍ତି ନାହିଁ ।

(ଖ) ସମୀକ୍ଷାତ୍ମକ ସାହିତ୍ୟ - ଏହି ବିଭାଗରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ଯୁକ୍ତିଯୁକ୍ତ ଭାବେ ସୃଷ୍ଟି କରାଯାଇଥାଏ ଏବଂ ଅନେକ ସମୟରେ ଏହା କାରଣ ଏବଂ ଫଳାଫଳ ମଧ୍ୟରେ ପ୍ରକୃତିର କଥାକୁ ବ୍ୟବହାର କରିଥାଏ । ଏହି ପ୍ରକାର ରଚନାଗୁଡିକ ପାଠକକୁ କିଛି ଅଧିକ ପାଇବା ପାଇଁ ଉତ୍ସାହିତ କରିବାକୁ ଚେଷ୍ଟା କରିଥାଏ । ଉଦାହରଣ ସ୍ୱରୂପ- ଦର୍ଶନଶାସ୍ତ୍ର, ବିଜ୍ଞାନ ଏବଂ ଗଣିତର ପୁସ୍ତକ ।

ଏହି ଦୁଇପ୍ରକାର ସାହିତ୍ୟ ଅଣ ସୌନ୍ଦର୍ଯ୍ୟାତ୍ମକ ସାହିତ୍ୟ ବୋଲି କୁହାଯାଏ । ଏଠାରେ ତଥ୍ୟ ସଂଗ୍ରହ, ତଥା ମନେ ରଖିବା ଏବଂ ସମସ୍ୟା ସମାଧାନ ଉପରେ ପ୍ରାଧାନ୍ୟ ଦେଇଥାଏ । ଏହା ତୃତୀୟ ପ୍ରକାର ସାହିତ୍ୟ, ଯାହାକୁ ଆମେ ବାସ୍ତବ ସାହିତ୍ୟ ବୋଲି କହିଥାଉ ।

(ଗ) ସୃଜନାତ୍ମକ କିମ୍ବା କାଳ୍ପନିକ ସାହିତ୍ୟ – ଏହି ବିଭାଗରେ, କବିତା, ନାଟକ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଇତ୍ୟାଦି ଯାହାକୁ ଆମେ ଆନନ୍ଦ ପାଇବା ପାଇଁ ଏବଂ ନିଜକୁ ନିୟୋଜିତ ରଖିବା ପାଇଁ ପଢ଼ିଥାଉ । ସେଥିରେ ନିଭାଉଥିବା ଚରିତ୍ରଗୁଡ଼ିକୁ ପାଠକ ନିଜେ ଅନୁଭବ କରିବାର ସୁଯୋଗ ଏହା ଦେଇଥାଏ । ଏହା ମାନବିକତା ଏବଂ ସୃଜନଶୀଳତାକୁ ପାଠକ ମଧ୍ୟରେ ବିକଶିତ କରିଥାଏ ।

ଏହି ଅଧ୍ୟାୟରେ ଆମେ ଭାଷା ଶିକ୍ଷଣରେ ବିଭିନ୍ନ ପ୍ରକାର ସାହିତ୍ୟର ବ୍ୟବହାର ଏବଂ ଅବଦାନକୁ ଆଲୋଚନା କରିବା । ଜଣେ ଭାଷା ଶିକ୍ଷକ ଭାବେ ତାହା ପ୍ରଥମ କିମ୍ବା ଦ୍ୱିତୀୟ ଭାଷା ଶିକ୍ଷାଦାନ ହେଉ, ପାଠ୍ୟ ପୁସ୍ତକଗୁଡ଼ିକ ଅନେକ ସମୟରେ ସାହିତ୍ୟର ମୁଖ୍ୟଉତ୍ସ ହୋଇଥାଏ । ମୁଖ୍ୟ ସମ୍ବଳର ସାହିତ୍ୟ ସମୟ ଓ ସମ୍ବଳର ଅଭାବରୁ ବିଦ୍ୟାଳୟଗୁଡିକ ପାଠ୍ୟପୁସ୍ତକ ବାହାରେ କେବଳ ସିମିତ ସମ୍ବଳ ପ୍ରଦାନ କରିପାରିବେ । ତେଣୁ ଜଣେ ଶିକ୍ଷକ ତାର ଶିକ୍ଷାର୍ଥୀମାନଙ୍କ ପାଇଁ ପାଠ୍ୟ ପୁସ୍ତକ ବ୍ୟତିରେକ କେତେକ ଆଧାର ଆବଶ୍ୟକ କରନ୍ତି । ସାହିତ୍ୟ ଚୟନ କରିବା ସମୟରେ କେତେକ ବ୍ୟାପକ ନିୟମାବଳୀ ହେଲା:

- ଆବଶ୍ୟକ ମୁତାବକ ଲିଖିତ ପାଠ ରହିବା ଉଚିତ ଯେଉଁଠି ଭାଷାର ଉପଯୁକ୍ତ ବ୍ୟବହାର କରାଯାଇପାରିବ । ଏହା ରୂପକ ରୂଢି ଭାଷାର ଅଭିନବ ପ୍ରୟୋଗ ଆଦିରେ ସମୃଦ୍ଧ ହୋଇପାରେ ।

- ଗଦ୍ୟ, ପଦ୍ୟ, ନାଟକ ଓ ଉପନ୍ୟାସ ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାବ ମଧ୍ୟରୁ ପାଠଟି ଯେକୌଣସି ଗୋଟିଏ ହୋଇପାରେ ।
- ଏହା ଛାତ୍ରଛାତ୍ରୀମାନଙ୍କୁ ଆନନ୍ଦ ଏବଂ ସୌନ୍ଦର୍ଯ୍ୟ ଭାବ ପ୍ରଦାନ କରୁଥିବା ଆବଶ୍ୟକ ।

ଉପରୋକ୍ତ ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରିବା ଦରକାର ନାହିଁ । ଗୋଟିଏ ପାଠ ସାହିତ୍ୟ ଯୋଗ୍ୟ କି ନା ତାହା ନିର୍ଦ୍ଧାରଣରେ ଏଗୁଡିକ ଜଣେ ଶିକ୍ଷକଙ୍କୁ କେବଳ ସାହାଯ୍ୟ କରିବା ନିମିତ୍ତ ଉଦ୍ଦିଷ୍ଟ ।

ଆମେ ଭଲ ସାହିତ୍ୟର ଉତ୍ତମ ଗୁଣାବଳୀ ଜାଣିଲେବି ତାହା ଆମ ଶ୍ରେଣୀ ନିମନ୍ତେ ଉପଯୋଗୀ ହେବକି ନା ତାହା ଆମେ ଜାଣିବା ଦରକାର । ଶ୍ରେଣୀ ପାଇଁ ଛାତ୍ରର ବୟସ ମୁଖ୍ୟ ଆବଶ୍ୟକତା । କୌଣସି ପାଠ୍ୟ ପିଲାଙ୍କ ପାଇଁ ଉପଯୋଗୀ ହେଲେ ତାହାକୁ ଶିଶୁ ସାହିତ୍ୟ ଭାବେ ନାମିତ କରିବା ।

ଶିଶୁ ସାହିତ୍ୟର ବିବିଧ ଉଦାହରଣରେ ମୁଖ୍ୟ ଚରିତ୍ର ବା ନାୟକ ଜଣେ ଶିଶୁ ହେବ । "ସାନ ନାଲି ଆରୋହୀ ହୁଡ" ଭଳି ପରିଗପରେ ବା ଆର.ଏଲ. ଷ୍ଟିଭେନସନଙ୍କ ଅପହୃତ କିମ୍ବା ରତ୍ନ ଦ୍ୱୀପ ପରି ଉପନ୍ୟାସରେ ଜଣେ ପିଲା ହିଁ ନାୟକ ବା କେନ୍ଦ୍ରବିନ୍ଦୁ । କିନ୍ତୁ ଆମେ ଏକ କଥାବସ୍ତୁ ବାଛିପାରିବା ନାହିଁ କାରଣ ମୁଖ୍ୟ କଥକ ଜଣେ ପିଲା । ପ୍ରକୃତରେ ଗଳ୍ପସବୁର ଉଦାହରଣମାନ ଅଛି, ଯେଉଁଠି ଧାରଣା ସମ୍ପୂର୍ଣ୍ଣ ଜଟିଳ ଯଦିଓ ଗଳ୍ପନାୟକ ଜଣେ ପିଲା । ପ୍ରେମଚନ୍ଦଙ୍କ 'ଇଦଗା' ଜୟଶଙ୍କର ପ୍ରସାଦଙ୍କ 'ଛୋଟଯାଦୁକର' ଜୈନେନ୍ଦ୍ରଙ୍କ ଖେଳ ଆଦିରେ ଉପସ୍ଥାପିତ ଭାବେ ପିଲାମାନେ ବୁଝିବାରେ ସଂପୂର୍ଣ୍ଣ କଷ୍ଟ ହେବ । ଭାଷା ଓ ଭାବ ମଧ୍ୟ ଏପରି ସ୍ତର ହେବା ଆବଶ୍ୟକ ଯାହା ଜଣେ ପିଲାର ବୋଧଗମ୍ୟ ପାଇଁ ଉପଯୋଗୀ ହେବ ।

ଏହି ଅଧ୍ୟାୟରେ ଆମେ ଭାଷା ଶିକ୍ଷଣରେ ସାହିତ୍ୟର ଭୂମିକା ବିଷୟ ଆଲୋଚନା କରୁଛୁ । ଯା ହେଉ ବିଜ୍ଞାପନ, ବ୍ୟଙ୍ଗଚିତ୍ର (କାର୍ଟୁନ) ଭଳି ଅନ୍ୟାନ୍ୟ ମୁଦ୍ରିତ ବସ୍ତୁଗୁଡିକ ଯଦିଓ ସାହିତ୍ୟ ନୁହଁନ୍ତି ତଥାପି ଉପାଦେୟ ବୋଲି ପ୍ରତିପାଦିତ କରିପାରିବେ ।



ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ - ୨**

୧. ସୌନ୍ଦର୍ଯ୍ୟାତ୍ମକ ସାହିତ୍ୟ ଓ ଅଣ ସୌନ୍ଦର୍ଯ୍ୟାତ୍ମକ ସାହିତ୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ?

..........................................................................

..........................................................................

..........................................................................

୨. ବର୍ତ୍ତମାନ ସୁଦ୍ଧା ହୋଇଥିବା ଆଲୋଚନା ଅନୁଯାୟୀ, ଆପଣ ପିଲାମାନଙ୍କ ସାହିତ୍ୟର ସଂଜ୍ଞା କିପରି ନିରୂପଣ କରିବ ? ୬-୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ଉପଲବ୍ଧ ଯେକୌଣସି ଲିଖିତ ସାମଗ୍ରୀରୁ ଆପଣ ଏହା ବୋଲି ବର୍ଣ୍ଣନା କରିବେ କି ?

..........................................................................

..........................................................................

..........................................................................

୩. ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଗଳ୍ପ, ଶିଶୁ ସାହିତ୍ୟ ଅଟେ କି ? ଆପଣଙ୍କ ଉତ୍ତର ସପକ୍ଷରେ କେତେକ ଉଦାହରଣ ଦିଅନ୍ତୁ ।

..........................................................................

..........................................................................

..........................................................................

୪. ନିମ୍ନୋକ୍ତ ଗୁଡିକ ସାହିତ୍ୟର ଉଦାହରଣ ଅଟେ କି ? ଭାବନ୍ତୁ ଓ ସ୍ଥିର କରନ୍ତୁ ।

(କ) ସମ୍ବାଦପତ୍ର ବିଜ୍ଞାପନ

(ଖ) ଅଭିଧାନ

(ଗ) ଗୋଟିଏ କେକ୍ ଖାଦ୍ୟ ଉପାଦାନ

(ଘ) ପଦ୍ୟ

### ୭.୩.୨ ସାହିତ୍ୟର ରୂପରେଖ

ଶ୍ରେଣୀରେ ପିଲାମାନଙ୍କର ଜୀବନର ସାମାଜିକ, ସାଂସ୍କୃତିକ ଏବଂ ଆବେଗିକ ମୂଲ୍ୟବୋଧକୁ ଅନୁଭବ କରିବା ପାଇଁ ବିଭିନ୍ନ ପ୍ରକାରର ସାହିତ୍ୟ ଯଥା - କବିତା, ଗଳ୍ପ, ନାଟକ, ଆତ୍ମଜୀବନୀ, ଜୀବନୀ ଉପନ୍ୟାସ ଓ ପ୍ରବନ୍ଧ ଆଦିକୁ ପାଠ୍ୟ ପୁସ୍ତକର ପ୍ରସଙ୍ଗ ଭାବେ ବ୍ୟବହାର କରାଯାଇଥାଏ । ଏଥିରେ ସନ୍ଦେହ ନାହିଁ ଯେ ବିଭିନ୍ନ ପ୍ରକାର ସାହିତ୍ୟ ବ୍ୟବହାର ଦ୍ୱାରା ପିଲାମାନଙ୍କର ଜୀବନରେ ସାମାଜିକ, ସାଂସ୍କୃତିକ ଏବଂ ସୌନ୍ଦର୍ଯ୍ୟ ଚେତନାର ଦକ୍ଷତା ବୃଦ୍ଧି ହୋଇଥାଏ । ଏଥିରେ ସନ୍ଦେହ ନାହିଁ ଯେ ବିଭିନ୍ନ ପ୍ରକାର ସାହିତ୍ୟିକ ବିଭାବର ସଂସ୍ପର୍ଶରେ ଆସି ପିଲାମାନଙ୍କର ନିପୁଣତାର ସ୍ତରରେ ମଧ୍ୟ ଅଭିବୃଦ୍ଧି ହୁଏ ।

**ନାଟକ :** ଏହା ବିଭିନ୍ନ ପ୍ରକାର ଘଟଣାବଳୀର ଉପସ୍ଥାପନା, ବେଳେବେଳେ ମହାନ ବ୍ୟକ୍ତିମାନଙ୍କୁ ଆଧାର କରି ହୋଇଥାଏ । ଅଭିନୟ ଲେଖିବା ଏକ କଠିନ ବ୍ୟାପାର । ସେ ଅନେକ ଅଭିନୟକାରୀଙ୍କ ଚରିତ୍ରର ସତ୍ୟତା ପ୍ରତିପାଦନ କରିଥାଏ, ଯାହାକି ପାଠକ ଅନୁଭବ କରିପାରିବେ । ପ୍ରତ୍ୟେକ ଖେଳର ଗୋଟିଏ ଆରମ୍ଭ, ମଧ୍ୟସ୍ଥିତ ଓ ଶେଷ ଥାଏ । ସେଗୁଡ଼ିକ ବିୟୋଗାନ୍ତକ ବା ମିଳନାନ୍ତକ ଅଥବା ଉଭୟ ବିୟୋଗ-ମିଳନାନ୍ତକ ହୋଇଥାଏ । ଉଦାହରଣ ସ୍ୱରୂପ ସେକ୍ସପିଅରଙ୍କର ସବୁଠାରୁ ମହାନ ନାଟକ ହାମଲେଟ ଏବଂ ରାଜାଲିଅର୍ ବହୁ ପରିମାଣରେ କାବ୍ୟିକ ଅଟେ ।

କୌଣସି ନାଟକର ଅନ୍ତିମ ପରୀକ୍ଷା ଏହାର ମଞ୍ଚ ସଫଳତା ଅଟେ । ଏହା ଉପନ୍ୟାସ, ଗପ ବା କବିତା ପାଇଁ ପ୍ରଯୁଜ୍ୟ ନୁହେଁ । ଯେଉଁ କଳାକାରମାନେ ନାଟକର ବିଭିନ୍ନ ଚରିତ୍ରର ଅଭିନୟ କରନ୍ତି ସେମାନଙ୍କୁ ଅଭିନେତା କୁହାଯାଏ । ନାଟକର ପ୍ରକୃତ ସଫଳତା ତାର ମଞ୍ଚ ସଂପାଦନା ଉପରେ ପର୍ଯ୍ୟବେସିତ ନାଟକ ବିଭିନ୍ନ ଚରିତ୍ରର ସଂଳାପରେ ତାର ଗଳ୍ପାଂଶକୁ ବ୍ୟକ୍ତ କରେ । ବେଳେବେଳେ ଗୋଟିଏ ଚରିତ୍ର ନିଜକୁ ନିଜେ ସ୍ୱଗତୋକ୍ତିରେ କଥା କହିପାରେ ।

ଏକାଙ୍କିକା - ଏହି ରୂପରେ ସମ୍ପୂର୍ଣ୍ଣ ଘଟଣାବଳୀର ଅଭିନୟ ଗୋଟିଏ ସ୍ଥାନ ଓ ସମୟରେ ପ୍ରଦର୍ଶନ କରିବାକୁ ହୋଇଥାଏ । ସେଗୁଡ଼ିକ ନାଟକ ଠାରୁ କ୍ଷୁଦ୍ର ଏବଂ ଗୋଟିଏ ଘଟଣାବଳୀକୁ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏଗୁଡ଼ିକ ଜଣେ ଶିକ୍ଷକଙ୍କୁ ସହାୟକ

ଟିପ୍ପଣୀ

ହୋଇଥାଏ, କାରଣ ଏଗୁଡ଼ିକ କ୍ଷୁଦ୍ର । ଏକ କାର୍ଯ୍ୟକ୍ରମ ଭାବେ ପିଲାମାନଙ୍କୁ ମଧ୍ୟ ଲେଖିବା ପାଇଁ କିମ୍ବା ବ୍ୟବହାର କରିବା ପାଇଁ କୁହାଯାଇପାରେ ।

**ଉପନ୍ୟାସ :** ଉପନ୍ୟାସ ହେଉଛି ଗୋଟିଏ ଦୀର୍ଘ ଗଳ୍ପ, ଯେଉଁଥିରେ ଅନେକ ଚରିତ୍ର ଥାଏ । ଅନେକ ସମୟରେ ଏହା ଲେଖା ଯାଇଥିବା ସ୍ଥାନ ଓ ସମୟର ବାସ୍ତବ ଚିତ୍ର ପ୍ରତି ପାଦନ କରିଥାଏ । ଫିଲଡିଙ୍ଗ୍, ଡିକେନ୍ସ ହାର୍ଡ଼ି, ମେରେଡିଥ୍ ଜୟେସ ଆଦି କେତେକ ମହାନ ଇଂରାଜୀ ଔପନ୍ୟାସିକ । ଏହି ଲେଖକମାନେ ମଣିଷ ଜୀବନର ପ୍ରତିଛବିକୁ ଏଭଳି ଉପସ୍ଥାପିତ କରିଥାନ୍ତି, ଯାହାକି ପାଠକମାନଙ୍କୁ ଆକର୍ଷିତ କରିଥାଏ ଯେ ଏହାର ଦୀର୍ଘତା ସେମାନଙ୍କ ପଠନରେ ପ୍ରତିବନ୍ଧକ ସୃଷ୍ଟି କରିନଥାଏ ।

**ଗଳ୍ପ :** କ୍ଷୁଦ୍ର ଗଳ୍ପ ହେଉଛି ସାହିତ୍ୟର ଗୋଟିଏ ଅତିପ୍ରିୟ ରୂପ । ବହୁବାର ବିଦ୍ୟାଳୟ ପାଠ୍ୟପୁସ୍ତକରେ ଏହାକୁ ବ୍ୟବହାର କରାଯାଇଥାଏ । ଏହା ଗୋଟିଏ ବର୍ଣ୍ଣନା ଉପରେ ଆଧାରିତ ଯାହାକି ଥରେକେ ପଢ଼ି ହେବ ଏବଂ ପାଠକୁ ପ୍ରଭାବିତ କରିହେବ । ଜ୍ଞାନ ସରଂଚନା ପାଇଁ କ୍ଷୁଦ୍ରଗଳ୍ପକୁ ବ୍ୟବହାର କରାଯାଏ । ସମରସେଟ୍ ମମ୍, ଆଣ୍ଟନ୍ ଚେକୋଭ, ସକି, ଏଡଗାର ଆଲେନ୍ ପୋ, ଆର୍.କେ. ନାରାୟଣନ୍, କେ.ବି.ବୈଦ୍ ଭଳି ଅନନ୍ୟ ଗଳ୍ପକାରଙ୍କ ନାମ କ୍ଷୁଦ୍ରଗଳ୍ପ ଲେଖିକାରେ ଅନ୍ତର୍ଭୁକ୍ତ ହୋଇଥାଏ । ରକ୍ସିନ ବର୍ଣ୍ଣଙ୍କ ଗଳ୍ପ ପିଲାମାନଙ୍କର ଅତି ପ୍ରିୟ । ଓ.ହେନେରୀଙ୍କ ଅନ୍ତିମପତ୍ର ଓ ମାଗିର ଉପହାର ଖୁବ ଜଣାଶୁଣା ।

**ପ୍ରବନ୍ଧ :** ପ୍ରବନ୍ଧ ହେଉଛି ଗଦ୍ୟର ଗୋଟିଏ ରୂପ ଯେଉଁଠାରେ ଭାବନାକୁ ଯୁକ୍ତିଯୁକ୍ତ ଏବଂ ଐକିକ ଭାବେ ଉପସ୍ଥାପନା କରାଯାଇଥାଏ । ରଚନା ଲିଖନ ପାଇଁ ବିଷୟବସ୍ତୁ ଉପରେ ପଠନ ଏବଂ ଜ୍ଞାନ ଆବଶ୍ୟକ । ଏହା କୁହାଯାଇପାରେ କି ଗୋଟିଏ ରଚନାକୁ ଚରିତାର୍ଥ କରାଯାଇପାରେ ସ୍ୱଚ୍ଛତା ଏବଂ ସୁନ୍ଦର ଉଦାହରଣ ମାଧ୍ୟମରେ । ତୁମେ ବୋଧ ହୁଏ ଚାର୍ଲସ୍ ଲ୍ୟାମ୍ବ, ଆଡିସନ୍, ଆର୍.କେ. ନାରାୟଣନ୍, ନେହେରୁ, ଗାନ୍ଧୀ, ରସ୍କିନ୍ ବଣ୍ଡଙ୍କ ରଚନା ପଢ଼ିଥିବ । ତୁମେ ସେଗୁଡ଼ିକ ପଢ଼ିବା ନିଶ୍ଚିତ ଉପଭୋଗ କରିବ ଏବଂ ସେଗୁଡିକରୁ ନୂତନ ଜ୍ଞାନ ଆହରଣ କରିବ ।

**ଆତ୍ମଜୀବନୀ:** ଯେତେବେଳେ ଜଣେ ବ୍ୟକ୍ତି ନିଜ ଜୀବନର ଘଟଣାବଳୀ ନିଜେ ଲେଖେ ତାହାକୁ ଆତ୍ମ ଜୀବନୀ କୁହାଯାଏ । ଆତ୍ମଜୀବନୀର ଲେଖକ ହେଉଛି ସେହି ବ୍ୟକ୍ତି ନିଜେ ।

ସେ ନିଜ ଅତୀତ ଜୀବନ ଓ ନିଜ ସଂଘର୍ଷର ପ୍ରମୁଖ ଅଂଶ ଏବଂ ଆନନ୍ଦ ଓ ଯନ୍ତ୍ରଣା ଦାୟକ ମୂହୁର୍ତ୍ତର ଏକ ବିବରଣୀ ଦିଅନ୍ତି । ମହାତ୍ମାଗାନ୍ଧୀଙ୍କ 'My Experiments with Truth' ସବୁଠାରୁ ପ୍ରସିଦ୍ଧ ଆତ୍ମଜୀବନୀ ଅଟେ ।

**ଜୀବନୀ :** ଗୋଟିଏ ଜୀବନୀର ଲେଖକ ଅନ୍ୟ ଜଣେ ବ୍ୟକ୍ତିଙ୍କ ସଂପର୍କରେ ଲେଖିଥାନ୍ତି । ବୋଷ୍ ୱେଲ୍‌ଙ୍କ ଜୀବନୀର ପ୍ରଥମ ଅଭିଧାନ ପ୍ରସ୍ତୁତକାରୀ ଡଃ ଜନ୍‌ସନ୍‌ଙ୍କୁ ଏହି ପ୍ରକାର ସାହିତ୍ୟ ରଚନାର ଯୁଗ ପ୍ରବର୍ତ୍ତକ ବୋଲି ବିବେଚନା କରାଯାଏ ।

**ଭ୍ରମଣ ସାହିତ୍ୟ :** ଯେତେବେଳେ ଜଣେ ବ୍ୟକ୍ତି ତା'ର ଯାତ୍ରା ସମୟରେ କୌଣସି ଦୃଶ୍ୟପଟ୍ଟ, ଘଟଣାବଳୀ ବିଷୟରେ ବର୍ଣ୍ଣନା କରେ ତାହାକୁ ଭ୍ରମଣ ସାହିତ୍ୟ କୁହାଯାଏ । ସେ ଘଟଣାବଳୀର ସ୍ଥାନ, ଭାବ, ଘଟଣା ଏବଂ ନିଜ ଅନୁଭୂତିକୁ ସେଥିରେ ସ୍ଥାନିତ କରିଥାଏ ଏବଂ ଏକକ ଭାବେ ଉପସ୍ଥାପନା କରିଥାଏ । ହିନ୍ଦୀ ସାହିତ୍ୟିକ ଅଗେୟଙ୍କ ଭ୍ରମଣ ସାହିତ୍ୟ ଖୁବ୍ ପ୍ରସିଦ୍ଧ ଏବଂ ଏହା ଲୋକମାନଙ୍କୁ ପ୍ରକୃତି ଓ ଲୋକଙ୍କ ବିଷୟରେ ସମ୍ବେଦନଶୀଳ ହେବା ପାଇଁ ଉଦ୍‌ବୁଦ୍ଧ କରିଥାଏ ।

**ରେଖାଚିତ୍ର-** ଯେତେବେଳେ ଜଣେ ଲେଖକ ଜଣେ ବ୍ୟକ୍ତି, ଜିନିଷ, ସ୍ଥାନ, ଘଟଣାବଳୀ, ଭାବ ଇତ୍ୟାଦି ବିଷୟରେ ଲେଖେ ସେତେବେଳେ ପାଠକ ସେହି ବ୍ୟକ୍ତି କିମ୍ବା ବସ୍ତୁ ବିଷୟରେ ଗୋଟିଏ ରେଖାଚିତ୍ର (Graphic Picture) ପାଇଥାଏ । ସେହି ଲେଖାକୁ ରେଖାଚିତ୍ର ଭାବେ ସୂଚୀତ କରୁ । ଆମେ ସାଧାରଣତଃ ସେହି ରେଖାଚିତ୍ରଗୁଡିକ ଉଦ୍ଦେଶ୍ୟଭିତ୍ତିକ ହେବା ଆଶାକରାଯାଏ ।

**ସ୍ମୃତିକଥା:** କୌଣସି ବ୍ୟକ୍ତିଙ୍କ ଅନୁଭୂତି - ଯେତେବେଳେ ଜଣେ ଲେଖକ ଗୋଟିଏ ଘଟଣା କିମ୍ବା ଭାବ ବିଷୟରେ ଲେଖେ ଯାହାକି ତାହା ତା'ର ଜୀବନରେ କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ଜୀବନରେ ଆସିଥାଏ ତାହାକୁ ଆମେ ସ୍ମୃତିକଥା କହିଥାଉ । ଏହାକୁ ସାଧାରଣତଃ ମନେ ପକାଇ ଲେଖାଯାଏ । ଗୋଟିଏ ସ୍ମୃତିକଥା ଲେଖିବାକୁ ହେଲେ ଜଣେ ଲେଖକ ବ୍ୟକ୍ତିଗତ ଭାବେ ସେହି ବ୍ୟକ୍ତି କିମ୍ବା ଘଟଣାବଳୀ ସହ ସଂଶ୍ଳିଷ୍ଟ ଥିବା ଆବଶ୍ୟକ । ଏହା ସାଧାରଣତଃ ଅତୀତ, ଏହା କେବେ ବର୍ତ୍ତମାନ କିମ୍ବା ଭବିଷ୍ୟତ ହୋଇନଥାଏ । ଲେଖକ କେବେହେଲେ ତା' ମନରୁ କିଛି ସୃଜନାତ୍ମକ ଏବଂ ଭାବନାକୁ ଯୋଡ଼ିପାରିବେ ନାହିଁ ।

ଟିପ୍ପଣୀ

**ପଦ୍ୟ :** କବିତାକୁ ସମଗ୍ର ସାହିତ୍ୟର ନିର୍ଯ୍ୟାସ ଭାବେ ଅନେକ ଦିଗରୁ ବିଚାର କରାଯାଇଥାଏ । ଏହା ବୋଧହୁଏ ସାହିତ୍ୟର ପ୍ରାକ୍ ରୂପ । ସମସ୍ତ ସମାଜର ମହାକାବ୍ୟଗୁଡ଼ିକ କାବ୍ୟିକ । ଏହା ମହାନ ଓଡ଼ିଶୀ କିମ୍ବା ଇଲିଆଡ଼ କିମ୍ବା ପ୍ରାଚୀନ ଭାରତୀୟ ମହାଭାରତ ଓ ରାମାୟଣ ହୋଇପାରେ, ସେ ସମସ୍ତ କବିତାରେ ହିଁ ରଚିତ । ବହୁ ମହାନ୍ କବି ଯଥା - କାଳିଦାସ, ବାଣଭଟ୍ଟ, ସେକ୍ସପିୟର, ଡୋନି, ସେଲି, କିଟିସ୍, ଓ୍ୱାର୍ଡସ୍ୱାର୍ଥ, ଇଲିଅଟ, ୟେଟସ ଏବଂ ଆହୁରି ଅନେକ ଯାହାଙ୍କ ସହ ଆପଣ ପରିଚିତ । ଗୋଟିଏ କବିତା ସର୍ବଦା, ଗୀତିମୟ  ଓ ଅମୂର୍ତ୍ତ ଏବଂ ଏଥିରେ ଅନେକ ଉପମା, ରୂପକ, ବ୍ୟକ୍ତିତ୍ୱ ଆରୋପ ଇତ୍ୟାଦି ବ୍ୟବହୃତ ହୋଇଥାଏ । ପକ୍ଷାନ୍ତରେ ଗୋଟିଏ ଉପନ୍ୟାସ, ଗୋଟିଏ ଗଳ୍ପ, ବା ଗୋଟିଏ ପ୍ରବନ୍ଧ, ଗୋଟିଏ କବିତା ଅନେକ ଚିନ୍ତାଧାରା ଏବଂ ଆବେଗକୁ ଅଳ୍ପ କେତେକ ଶବ୍ଦ ମଧ୍ୟରେ ସ୍ଥାନିତ କରିବାକୁ ଚେଷ୍ଟା କରିଥାଏ । ଏହା ଆଲୋଚନା ନିମନ୍ତେ ଅନେକ କଥା ଉନ୍ମୁକ୍ତ କରିଥାଏ ଏବଂ ତର୍ଜମା ନିମନ୍ତେ ଏଥିରେ ବିବିଧ ସୁଯୋଗ ନିହିତଥାଏ । ସମସ୍ତ ସାହିତ୍ୟିକ ବିଭାବ ମଧ୍ୟରୁ କବିତାର ଅନୁବାଦ ଅତ୍ୟନ୍ତ ଦୂରୁହ ବ୍ୟାପାର ।

ଏ ସମସ୍ତ ପ୍ରକାର ସାହିତ୍ୟକୁ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଯେ ଏହା ଶ୍ରେଣୀରେ ପିଲାମାନଙ୍କୁ ଭାଷା ଶିକ୍ଷଣ, ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବା ପାଇଁ ଚୟନ କରିବାରେ ସହାୟକ ହେବ । ଏଠାରେ ଆଶା କରାଯାଉନାହିଁ ଯେ ପିଲାମାନେ ଏ ସମସ୍ତ ପ୍ରକାର ସାହିତ୍ୟର ଲକ୍ଷ୍ୟକୁ ଆହରଣ କରନ୍ତୁ, ବରଂ ସେମାନେ ବିଭିନ୍ନ ପ୍ରକାର ସାହିତ୍ୟରେ ସେମାନଙ୍କର ଦକ୍ଷତା ବୃଦ୍ଧି କରନ୍ତୁ ଏବଂ ଏହାକୁ ଜଟିଳ ଭାବେ ବିଶ୍ଳେଷଣ କରିବାର ଦକ୍ଷତା ହାସଲ କରନ୍ତୁ । ସେମାନେ ଯେ କେବଳ ପ୍ରସଙ୍ଗ ଏବଂ ଧାରଣା ବିଷୟରେ ଅବଗତ ହୁଅନ୍ତୁ ତାହା ନୁହେଁ, ସେମାନେ ମଧ୍ୟ ସ୍ୱତନ୍ତ୍ରପ୍ରକାର ଶବ୍ଦ ଭଣ୍ଡାର, ରୂଢ଼ି, ଖଣ୍ଡବାକ୍ୟ, ବାକ୍ୟ ଆଦିର ବ୍ୟବହାର ବିଷୟରେ ଜାଣନ୍ତୁ ।

ଟିପ୍ପଣୀ

**ନିଜର ପ୍ରଗତିକୁ ପରଖି ଦେଖ - ୩**

୧. ଗଦ୍ୟ କେଉଁଟିକୁ ଅନ୍ତର୍ଭୁକ୍ତ କରେ ନାହିଁ -

କ) ନାଟକ

ଖ) ଉପନ୍ୟାସ

ଗ) ପଦ୍ୟ

ଘ) ଗଳ୍ପ

..............................................................................

..............................................................................

..............................................................................

୨. ଆତ୍ମଜୀବନୀ ଏବଂ ଜୀବନୀ ମଧ୍ୟରେ ପାର୍ଥକ୍ୟ କ'ଣ ?

..............................................................................

..............................................................................

..............................................................................

୩. ଗୋଟିଏ କବିତାର ବିଶେଷ ଗୁଣଗୁଡ଼ିକ କ'ଣ ?

..............................................................................

..............................................................................

..............................................................................

୪. କେତେକ ପ୍ରସିଦ୍ଧ କ୍ଷୁଦ୍ରଗଳ୍ପ ଲେଖକଙ୍କ ନାମ ଲେଖ ।

..............................................................................

..............................................................................

..............................................................................

୫. ତୁମର ଅତିପ୍ରିୟ କବିତାର କେତୋଟିର ପଂକ୍ତି ଲେଖ । ଏହାର କବି କିଏ ? ଏହି ପଂକ୍ତି ଗୁଡ଼ିକର ଅର୍ଥ କ'ଣ ?

..............................................................................

..............................................................................

ଟିପ୍ପଣୀ

୬. ସବୁଠାରୁ ପ୍ରସିଦ୍ଧ କେତେକ କ୍ଷୁଦ୍ର ଗଳ୍ପ ଲେଖକଙ୍କ ନାମ ଲେଖ । ତୁମେ ପସନ୍ଦ କରୁଥିବା ଗୋଟିଏ ଚଳଚ୍ଚିତ୍ର ଅଛି କି ? ଏହାର ଗଳ୍ପ କିଏ ରଚନା କରିଛନ୍ତି ?

.....................................................................................

.....................................................................................

.....................................................................................

**୭.୩.୩ ଭାଷା ଶିକ୍ଷାଦାନରେ ସାହିତ୍ୟର ବ୍ୟବହାର : ଐତିହାସିକ ପୃଷ୍ଠଭୂମି :**

ବିଂଶ ଶତାବ୍ଦୀର ଚତୁର୍ଥ ଦଶନ୍ଧି ପର୍ଯ୍ୟନ୍ତ ଭାଷା ଶିକ୍ଷାଦାନର ମୁଖ୍ୟ ମାଧ୍ୟମ ରୂପେ ସାହିତ୍ୟକୁ ବ୍ୟବହାର କରାଯାଉଥିଲା । ଏହା ବୁଝାପଡ଼ିଲା ଯେ ଗୋଟିଏ ବିଦେଶୀ ଭାଷା ଶିଖିବା ପାଇଁ ଏହାର ସାହିତ୍ୟ ବିଷୟରେ ବିଶଦ ଭାବେ ଜାଣିବା ଦରକାର । କିନ୍ତୁ ୧୯୪୦ ମସିହାଠାରୁ ୧୯୬୦ ମସିହା ପର୍ଯ୍ୟନ୍ତ ବୈଦେଶିକ ଭାଷା ଶିକ୍ଷାଦାନରେ ସାହିତ୍ୟର ବ୍ୟବହାରକୁ ଉପଯୁକ୍ତ ଗୁରୁତ୍ୱ ଦିଆ ଯାଉନଥିଲା । କାରଣ ଏହାକୁ ଆବଶ୍ୟକୀୟ ମଡେଲ ମାଧ୍ୟମରେ ସ୍ଥାନାନ୍ତର କରାଯାଉଥିଲା । ସେହି ସମୟରେ ସାହିତ୍ୟକୁ ନିମ୍ନ ଦୃଷ୍ଟିରେ ଦେଖାଯାଉଥିଲା ଏବଂ ଏହାକୁ ନିମ୍ନ ଜାତିର ସ୍ୱାର୍ଥରେ ବ୍ୟବହାର କରାଯାଉଥିଲା । ସେଥିପାଇଁ ଭାଷା ଶିକ୍ଷାଦାନରେ ଏହାର ଗୁରୁତ୍ୱ କମ୍ ଥିଲା । ଅତୀତରେ ଭାଷା ଶିକ୍ଷଣରେ ବ୍ୟାକରଣ ଶିକ୍ଷାଦାନ, ପରେ ପରେ ଅନୁବାଦକୁ ଯୋଗ କରାଗଲା । ପାଠ ବିଷୟବସ୍ତୁଗୁଡ଼ିକ ସବୁବେଳେ ବ୍ୟାକରଣ ନିୟମକୁ ଅନୁସରଣ କରନ୍ତି ନାହିଁ ଓ ଗୋଟିଏ ପାଠ୍ୟ ବିଷୟବସ୍ତୁ ବାଛିବା କଷ୍ଟ ଯାହାର ଉଭୟ ଜ୍ଞାନାତ୍ମକ ସ୍ତର ଏବଂ ଭାଷା ଦକ୍ଷତା ଅଛି । ବ୍ୟାକରଣ ଅନୁବାଦ ପଦ୍ଧତି ଯାହାକି ଘୋଷା ପଦ୍ଧତି ବିଶେଷ୍ୟ ଓ କ୍ରିୟା ଆଦର୍ଶକୁ ଯୋଗ ଶିଖିବା ଓ ପ୍ରସଙ୍ଗକୁ ନିର୍ଦ୍ଧାରିତ ଭାଷାକୁ ଓ ପ୍ରଥମ ଭାଷାରୁ ନିର୍ଦ୍ଧାରିତ ଭାଷାକୁ ଅନୁବାଦ କରିବା ଉପରେ ପର୍ଯ୍ୟବେସିତ ଯାହା ଦୀର୍ଘ ସମୟ ପାଇଁ ଅତିପ୍ରିୟ ଥିଲା ଏବଂ ଏବେ ମଧ୍ୟ ବାସ୍ତବରେ ବ୍ୟାପକ ଭାବେ ବ୍ୟବହୃତ ହୋଉଛି । ଏହା ୧୯୭୦ ରୁ ୮୦ ଦଶନ୍ଧି ଥିଲା ଯାହା ଜ୍ଞାନାତ୍ମକ ଭାଷାଶିକ୍ଷାଦାନ ପଦ୍ଧତିକୁ ଜନ୍ମ ଦେଇଥିଲା । ଏହି ପଦ୍ଧତି ଧରି ନେଇଥାଏ ଯେ ପିଲାମାନେ ଅନ୍ତର୍ନିହିତ ଭାଷା ଜ୍ଞାନାତ୍ମକ ଦକ୍ଷତା ନେଇ ବିଦ୍ୟାଳୟକୁ ଆସିଥାନ୍ତି । ଆଗ୍ରହପୋଷକ ଓ ଆହ୍ୱାନମୂଳକ

ଟିପ୍ପଣୀ

ପ୍ରସଙ୍ଗଗୁଡିକ ମାଧ୍ୟମରେ ପରିଚିତ କରାଇ ସେମାନଙ୍କର ବିକାଶ କରିବା ବିଶେଷକରି ଶିକ୍ଷକଙ୍କ ଦାୟିତ୍ୱ ଅଟେ । ଏହି କାରଣ ଯୋଗୁଁ ଭାଷାଶିକ୍ଷାଦାନରେ ସାହିତ୍ୟର ବ୍ୟବହାରକୁ ପୁଣିଥରେ ସ୍ଥାନ ଦିଆଯାଇଥିଲା ।

ଉଇଡେସନଙ୍କ ମତରେ ଭାଷା ବିଜ୍ଞାନର ଦୁଇଟି ସ୍ତର ଅଛି, ବ୍ୟାବହାରିକ ସ୍ତର ଓ ପ୍ରଚଳିତ ଧାରା । ଏହି ଅନୁସାରେ ବ୍ୟବହାର ଜ୍ଞାନର ନିୟମଗୁଡିକୁ ଅନ୍ତର୍ଭୁକ୍ତ କରିଥିବା ବେଳେ ଧାରା ଅଧିକତର ଯୋଗାଯୋଗରେ ଏହି ନିୟମ ଗୁଡିକରେ କିପରି ବ୍ୟବହାର କରି ହେବ ତାହାର ସୂଚନା ଦେଇଥାଏ । ଆଜିର ସର୍ବାଧିକ ସାହିତ୍ୟିକ ପଠନ ସାମଗ୍ରୀ ଭାଷା ବ୍ୟବହାର ନିମନ୍ତେ ଏକ ଆଧାର ଯୋଗାଇଥାଏ । ପୋଭଙ୍କ (୧୯୭୨:୧୮)ର ଯୁକ୍ତି ହେଲା, ସାହିତ୍ୟ ଭାଷାର ସମସ୍ତ ଦକ୍ଷତା ବୃଦ୍ଧି କରିବ, କାରଣ ସାହିତ୍ୟ ଭାଷା-ବିଜ୍ଞାନ ସଂପର୍କିତ ଜ୍ଞାନର ବୃଦ୍ଧି ଘଟାଏ ।

ଏହିପରି ବିଂଶ ଶତାବ୍ଦୀର ଶେଷଯାଏ ସାହିତ୍ୟ ପୁନଶ୍ଚ ବିବିଧ ଭାଷା ଦକ୍ଷତା ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ପ୍ରତିଷ୍ଠା ଲାଭ କଲା । ଏହାର ପ୍ରମାଣ ସ୍ୱରୂପ ସାମ୍ପ୍ରତିକ ସମୟରେ ପିଲାମାନଙ୍କୁ ବର୍ଣ୍ଣମାଳା ଶିକ୍ଷା ପାରମ୍ପରିକ ମୁଖସ୍ଥ ପ୍ରକ୍ରିୟାରେ କରାନଯାଇ ସେମାନଙ୍କୁ ଆନୁସଙ୍ଗିକ ମାଧ୍ୟମ ଯଥା ଗଳ୍ପ କବିତା ଆଦି ଦ୍ୱାରା ଶିଖା ଯାଉଛି ।

**ନିଜର ପ୍ରଗତିକୁ ପରଖି ଦେଖ -୪**

୧. ପାରଂପାରିକ ଭାବେ ଭାଷା ଶିକ୍ଷାଦାନର ଆଧାର କ'ଣ ଥିଲା ?

କ) ଅର୍ଥ ଶିଖାଇବା ଖ) ବାକ୍ୟ ଶିଖାଇବା

ଗ) ବ୍ୟାକରଣ ଶିଖାଇବା ଘ) ଧ୍ୱନି (ଉଚ୍ଚାରଣ) ଶିଖାଇବା

୨. ବିଂଶ ଶତାବ୍ଦୀର ଶେଷରେ ଭାଷା ଶିକ୍ଷାଦାନରେ ସାହିତ୍ୟିକ ଧାରା ଉପରେ ଆଲୋକପାତ କର-

.......................................................................................

.......................................................................................

.......................................................................................

ଟିପ୍ପଣୀ

୩. ଭାଷା ଶିକ୍ଷାଦାନରେ ବ୍ୟାକରଣ - ଅନୁବାଦ ପଦ୍ଧତିର ମୌଳିକ ନିୟମଗୁଡ଼ିକ କ'ଣ ?

......................................................................................................

......................................................................................................

......................................................................................................

**୭.୪ ସାହିତ୍ୟ ଶିକ୍ଷାଦାନର ଉଦ୍ଦେଶ୍ୟ**

ସାହିତ୍ୟ ଶିକ୍ଷାଦାନ ଶ୍ରେଣୀରେ ବିଭିନ୍ନ ପଦ୍ଧତି ଅବଲମ୍ବନ କରାଯାଇଥାଏ । ସାହିତ୍ୟ ଶିକ୍ଷାଦାନ, ପ୍ରଥମ ଭାଷା ଏବଂ ଦ୍ୱିତୀୟ ଭାଷା ଶିକ୍ଷାଦାନର ଉଦ୍ଦେଶ୍ୟ, ସେହି ଶ୍ରେଣୀର ପିଲାମାନଙ୍କ ମନୋବୃତ୍ତି ଓ କାର୍ଯ୍ୟ ସଂପାଦନା ଉପରେ ନିର୍ଭର କରିଥାଏ ।

୧. **ଭାଷାଗତ ଢାଞ୍ଚା:** ଏହି ଢାଞ୍ଚାରେ, ଭାଷାରେ ବିକାଶ ପାଇଁ ପ୍ରାଥମିକ ଭାବେ ସାହିତ୍ୟକୁ ବ୍ୟବହାର କରାଯାଇଥାଏ, ଯେଉଁଥିରେ ଶବ୍ଦ ସଂଗ୍ରହ ଓ ବାକ୍ୟଗଠନ କେନ୍ଦ୍ର ବିନ୍ଦୁ ଅଟେ । ଏହାର ମୁଖ୍ୟ ସୀମିତତା ହେଲା ଏହା ସାହିତ୍ୟରେ ଆଗ୍ରହକୁ ବଜେଇ ଦିଏ । ବସ୍ତୁତଃ ଅଧିକାଂଶ ସମୟରେ ପିଲାମାନେ ବ୍ୟାକରଣ, ଶବ୍ଦଭଣ୍ଡାର କିମ୍ବା ସାହିତ୍ୟରେ ଆଗ୍ରହ ନଦେଖାଇ ଶିକ୍ଷଣ ସମାପ୍ତ କରନ୍ତି ।

୨. **ସାହିତ୍ୟିକ ଢାଞ୍ଚା :** ସାହିତ୍ୟ ପ୍ରଧାନ ଶ୍ରେଣୀରେ ପ୍ରସଙ୍ଗ ଏବଂ ଅମୂର୍ତ୍ତ ଧାରଣା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ନିର୍ଦ୍ଦିଷ୍ଟ ସଂସ୍କୃତି ଓ ସାର୍ବଜନୀନ ମାନବିକ ମୂଲ୍ୟବୋଧ ସହିତ ପରିଚିତ କରାଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ହୋଇଥାଏ । ଏହି ପ୍ରକାର ଶ୍ରେଣୀରେ ଭାଷାର ସ୍ୱୟଂ କ୍ରିୟ ବିକାଶ ବ୍ୟତୀତ ବ୍ୟାକରଣ ବ୍ୟବହାର, ଧାରା, ମାପକ ଓ ବାକ୍ୟ ଗଠନ ଉପରେ ଖୁବ୍ କମ୍ ପ୍ରାଧାନ୍ୟ ଥାଏ । ପ୍ରଥମ ଭାଷା କ୍ଷେତ୍ରରେ ଏହା ସେତେ ଗୁରୁତ୍ୱ ପୂର୍ଣ୍ଣ ବିଷୟ ହୋଇ ନପାରେ କିନ୍ତୁ ଦ୍ୱିତୀୟ ଭାଷା କ୍ଷେତ୍ରରେ ଏହା ଗୁରୁତ୍ୱର ଅସାମର୍ଥ୍ୟତା ପ୍ରମାଣିତ କରିପାରେ ।

୩. **ବ୍ୟକ୍ତିତ୍ୱ ବିକାଶ ଢାଞ୍ଚା :** ଏହି ପ୍ରକାର ଢାଞ୍ଚାରେ ପ୍ରାଥମିକ ଗୁରୁତ୍ୱ ହେଉଛି ବ୍ୟକ୍ତି ଓ ସମୂହିକ ସମ୍ବେଦନଶୀଳତା ଏବଂ ସାହିତ୍ୟ ଅଧ୍ୟୟନ ମାଧ୍ୟମରେ ପିଲାମାନଙ୍କର ମାନସିକ

ଟିପ୍ପଣୀ

ବିକାଶ । ଏହା ମାଧ୍ୟମରେ ଆଶା କରାଯାଏ ଯେ ପିଲାମାନେ ସାହିତ୍ୟ ଅଧ୍ୟୟନ କରିବା ଦ୍ୱାରା ଜଣେ ଭଲ ମଣିଷ ହୋଇପାରିବେ ଏବଂ ଜୀବନର ସମସ୍ତ କ୍ଷେତ୍ରରେ ଜଣେ ଆଦର୍ଶ ଅନୁକରଣୀୟ ବ୍ୟକ୍ତି ହୋଇପାରିବ ।

**୭.୪.୧ ଶ୍ରେଣୀ କକ୍ଷର ପ୍ରକାର :**

ଆମେ ସାହିତ୍ୟ ଶିକ୍ଷାଦାନର ଉଦ୍ଦେଶ୍ୟ ଏବଂ ମଡେଲ ସମ୍ପର୍କରେ ଆଲୋଚନା କଲେ । କିନ୍ତୁ ଶ୍ରେଣୀ କକ୍ଷରେ କେଉଁ ପଦ୍ଧତି ଅନୁସରଣ କରାଯିବ ଉଚିତ ତୁମେ କେବେ ଭାବିଛ କି ? ଶ୍ରେଣୀରେ ଭାଷା ଶିକ୍ଷାଦାନର ବିବିଧ ପଦ୍ଧତିଗୁଡ଼ିକ କଣ ? କେଉଁପ୍ରକାର ଭାଷା ପିଲାମାନେ ତାଙ୍କ ଗୃହରେ ବ୍ୟବହାର କରନ୍ତି ? ଏ ଦୁଇଟି କିପରି ପୃଥକ ? ଏହି ଭାଗରେ ସେହି ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ଚେଷ୍ଟା କରାଯାଇଛି । କ୍ରାସେନଙ୍କ ଉକ୍ତି ଯାହା ପୂର୍ବ ଏକକ ଗୁଡିକରେ ଉପସ୍ଥାପିତ ହୋଇଛି, ଆହରଣ ଏବଂ ଶିକ୍ଷଣ ମଧ୍ୟରେ ପାର୍ଥକ୍ୟ ସୂଚୀତ କରେ । ଘରେ କିମ୍ବା ରାସ୍ତା ପ୍ରାକୃତିକ ପରିବେଶରେ ଭାଷା ଶିକ୍ଷଣକୁ ଆହାରଣ ବୁଝାଇଥାଏ; ଶିକ୍ଷଣ ଅର୍ଥ ବିଦ୍ୟାଳୟରେ ଔପଚାରିକ ଭାବେ ଶିକ୍ଷଣକୁ ବୁଝାଇଥାଏ ।

ପ୍ରାକୃତିକ ପରିବେଶରେ ପିଲାମାନେ ସ୍ୱତଃ ପ୍ରବୃତ୍ତ ଭାବେ ଭାଷାର ନିୟମଗୁଡ଼ିକୁ ଆହରଣ କରିଥାଆନ୍ତି କାରଣ ଏଠାରେ ଆବଶ୍ୟକୀୟ ସୁଯୋଗ ଥାଏ । ପିଲାମାନେ ସମସ୍ତ ପ୍ରକାର ଯତ୍ନ ଓ ସ୍ନେହ ପାଆନ୍ତି ଯାହା ଭାଷା ଶିକ୍ଷଣକୁ ସମ୍ଭବ କରିଥାଏ । ଭାଷାର ଆଦାନପ୍ରଦାନ ପାଇଥାଆନ୍ତି । ତଥାପି ମଧ୍ୟ ବିନା ଶିକ୍ଷକରେ ଭାଷା ଗଠନ ଧାରା ଆୟତ୍ତ କରିବା ଅସମ୍ଭବ । ତେଣୁ ବିଦ୍ୟାଳୟରେ ଭାଷା ଶିକ୍ଷକଙ୍କୁ ଆଶାନୁକୁଳ ଭାବେ ବିଦ୍ୟାଳୟରେ ସକ୍ରିୟ କରିବା ଦରକାର । ସୌଭାଗ୍ୟବସତଃ ଏହି ଲକ୍ଷ୍ୟ ହାସଲ ପାଇଁ ସାହିତ୍ୟ ହେଉଛି ଏକ ବଳିଷ୍ଠ ମାଧ୍ୟମ । ପ୍ରାକୃତିକ ପରିବେଶରେ ସାହିତ୍ୟ ପିଲାମାନଙ୍କୁ ଭାଷା ଗଠନ ଅପେକ୍ଷା ଅର୍ଥ ଉପରେ ପ୍ରାଧାନ୍ୟ ଦେବାରେ ସାହାଯ୍ୟ କରିଥାଏ । ଥରେ ଅର୍ଥ ଅନ୍ତରସ୍ଥ ହୋଇଗଲା ପରେ ଆନୁଷ୍ଠାନିକ ବ୍ୟାକରଣ ଓ ଶବ୍ଦ ଭଣ୍ଡାର ଆପେ ଆପେ ଅନ୍ତରସ୍ତ ହୋଇଯାଆନ୍ତି । ତଥାପି ଦ୍ୱିତୀୟ ଭାଷା ଶ୍ରେଣୀରେ ସ୍ୱଷ୍ଟ ଭାବେ ବ୍ୟାକରଣ ନିୟମ ଓ ନୂତନ ଶବ୍ଦର ବ୍ୟବହାର ଶିକ୍ଷାଦାନ ଏକ ଗୁରୁତ୍ୱପୂର୍ଣ୍ଣ କଥା ।

ଟିପ୍ପଣୀ



ଜଣେ ଶିକ୍ଷକ ଭାବେ ଆପଣ ଜାଣନ୍ତି ଗୋଟିଏ ପିଲାର ପ୍ରାଥମିକ ଓ ପ୍ରାରମ୍ଭିକ ଶ୍ରେଣୀ ଗୁଡିକରେ ଦ୍ୱିତୀୟ ଭାଷା ତୁଳନାରେ ପ୍ରଥମ ଭାଷା ଉପରେ ପୂର୍ଣ୍ଣ ଆଧିପତ୍ୟ ଥାଏ । ଦ୍ୱିତୀୟ ଭାଷାର ନିୟମ ବର୍ଣ୍ଣନା କରିବା ପରିବର୍ତ୍ତେ ଏହାର ବ୍ୟବହାର ଉପରେ ଚାପ ଦେବା ଦ୍ୱିତୀୟ ଭାଷା ଶିକ୍ଷକଙ୍କର ଉଦ୍ଦେଶ୍ୟ ହେବା ଉଚିତ୍ । ଶ୍ରେଣୀ ଏପରି ପରିଚାଳିତ ହେବା ଉଚିତ୍ ଯାହା ଇଚ୍ଛା ବିରୁଦ୍ଧ ଶିକ୍ଷଣ ପରିବର୍ତ୍ତେ ସ୍ୱାଭାବିକ ଶିକ୍ଷଣ ସୃଷ୍ଟି କରିପାରୁଥିବ । ପିଲାମାନେ ସେମାନଙ୍କୁ ବାସ୍ତବ ଦୁନିଆରେ ବ୍ୟବହାର ହୋଇଥିବା ଭାଷା ସହିତ ସଂଯୋଗ କରିବା ପାଇଁ ସମର୍ଥ ହେବା ଉଚିତ୍ ।

ଗୋଟିଏ ଦ୍ୱିତୀୟ ଭାଷା ଶିକ୍ଷାଦାନ ଶ୍ରେଣୀ କକ୍ଷ କିପରି ଦେଖାଯାଏ ? ଏହା ଘର ଓ ରାସ୍ତାର ପ୍ରାକୃତିକ ପରିବେଶଠାରୁ ଭିନ୍ନ । ଅନେକ ଦ୍ୱିତୀୟ ଭାଷା ଏବଂ ବୈଦେଶିକ ଭାଷା ଶିକ୍ଷକ ବ୍ୟାକରଣ – ଅନୁବାଦ ପଦ୍ଧତି ଉପରେ ବିଶ୍ୱାସ କରନ୍ତି । ଏହି ଶିକ୍ଷକମାନେ କେତେକ ଶବ୍ଦର ତାଲିକା ପ୍ରସ୍ତୁତ କରନ୍ତି ଏବଂ କେତେକ ଉଦାହରଣ ଦେଇ ବ୍ୟାକରଣର ନିୟମକୁ ବର୍ଣ୍ଣନା କରନ୍ତି ।

ଏହି ପ୍ରକାରନ୍ତେ, ପ୍ରାକୃତିକ ପରିବେଷ୍ଟନୀ ଭଳି ଶ୍ରେଣୀକକ୍ଷରେ ପିଲାମାନଙ୍କୁ ମାନସିକ ଚାପମୁକ୍ତ ବାତାବରଣ ଏବଂ ଉପଯୁକ୍ତ ବୈଦ୍ଧିକ ନିବେଶ ଦିଆଯାଇଥାଏ; ପିଲାମାନଙ୍କୁ ସେମାନଙ୍କର ଭୁଲ ପାଇଁ ବାଧା ଦିଆଯାଏ ନାହିଁ । ପିଲାମାନେ ଶ୍ରେଣୀ ବାହାରେ ଥିବା ଉପକରଣଗୁଡିକୁ ବ୍ୟବହାର କରିବାରେ ସମର୍ଥ ହୋଇଥାଆନ୍ତି, ଯାହାକି ତାଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ । ତେଣୁ ସେମାନେ ନିର୍ଦ୍ଧାରିତ ଭାଷାଭାଷୀ ବକ୍ତାଙ୍କ ସହ ସଫଳତା ପୂର୍ବକ କହିବା ଏବଂ ଯୋଗାଯୋଗ କରିବାରେ ସମର୍ଥ ହୋଇପାରିବେ ।

**ନିଜ ପ୍ରଗତିକୁ ପରଖି ଦେଖ – ୫**

୧. ଗୋଟିଏ ପିଲା ବିଦ୍ୟାଳୟକୁ ଆସିବା ପୂର୍ବରୁ ତା'ର ପ୍ରଥମ ଭାଷା କେଉଁ ଉପାୟରେ ଶିଖିଥାଏ ? (ଠିକ୍ ଚିହ୍ନ ଦିଅ)

   କ) ଘରୋଇ ଶିକ୍ଷା ବ୍ୟବସ୍ଥା

   ଖ) ପ୍ରାକୃତିକ ପରିବେଶ

   ଗ) ପିତାମାତାଙ୍କ ଶିକ୍ଷା ଦ୍ୱାରା ଶିକ୍ଷା

   ଘ) ଏଥିମଧ୍ୟରୁ କେଉଁଟି ନୁହେଁ

୨. ଦ୍ୱିତୀୟ ଭାଷା ଶିକ୍ଷକଙ୍କର ଉଦ୍ଦେଶ୍ୟ କ'ଣ ହେବା ଉଚିତ୍ ?

..................................................................................................

..................................................................................................

..................................................................................................

୩. ଭାଷା ଶିକ୍ଷଣରେ ପ୍ରାକୃତିକ ଓ ଅନୁଶିକ୍ଷଣ ବ୍ୟବସ୍ଥା ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

..................................................................................................

..................................................................................................

..................................................................................................

୪. ବ୍ୟାକରଣ - ଅନୁବାଦ ପଦ୍ଧତି କ'ଣ ?

..................................................................................................

..................................................................................................

..................................................................................................

**୭.୪.୨ ପ୍ରଥମ ଭାଷା ଏବଂ ଦ୍ୱିତୀୟ ଭାଷା (କିମ୍ବା ବୈଦେଶିକ ଭାଷା) ଶ୍ରେଣୀକକ୍ଷ**

ତୁମେ ନିଶ୍ଚିତ ବୁଝିଥିବ ଯେ ଶ୍ରେଣୀ କକ୍ଷରେ ଏବଂ ଘରେ ବ୍ୟବହାର କରାଯାଉଥିବା ଭାଷା ମଧ୍ୟରେ ତଫାତ କ'ଣ । ଏହି ପ୍ରଭେଦକୁ ନିବେଶର ରୂପରେଖ ଓ ବ୍ୟାଖ୍ୟାନର ସୀମିତତା ମଧ୍ୟରେ ଏହି ପ୍ରଭେଦ ଗୁଡିକୁ ଦେଖି ହେବ । ଶ୍ରେଣୀରେ କି ପ୍ରକାରର ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆଯିବା ଉଚିତ୍ ଯାହା ଫଳରେ ପିଲାମାନେ ସହଜରେ ସେମାନଙ୍କ ମାତୃଭାଷା ପରି ଦ୍ୱିତୀୟ ଭାଷା ଶିକ୍ଷଣରେ ବୋଧଗମ୍ୟତାର ବିକାଶ କରିପାରିବେ ।

ଯେକୌଣସି ଭାଷା ଶିକ୍ଷାଦାନ ପାଇଁ ସାହିତ୍ୟକୁ ବ୍ୟବହାର କରାଯାଇପାରିବ । ଏହି ପ୍ରଥମ, ଦ୍ୱିତୀୟ ବା ଯେକୌଣସି ଭାଷା ହୋଇପାରେ । ନିର୍ବାଚିତ ସାହିତ୍ୟ ସହଜ ଶବ୍ଦ, ସରଳ ବାକ୍ୟ ଏବଂ ଶବ୍ଦ ଗଠନରେ ଏପରି ହେବା ଉଚିତ୍ ଯାହାକି ସହଜରେ ବୁଝି

ଟିପ୍ପଣୀ

ହେଉଥିବ । ନିର୍ବାଚିତ ପାଠ୍ୟ ସାମଗ୍ରୀ ମଜାଦାର ହେବା ଉଚିତ । ବ୍ୟାକରଣ କେବଳ ଆବଶ୍ୟକସ୍ଥଳେ ସୀମିତ ପରିମାଣରେ ପଢାଯିବ । ଶିକ୍ଷାର୍ଥୀ ଅଗ୍ରଗତି ନିମନ୍ତେ ବହୁତ ସାମଗ୍ରୀ ଆବଶ୍ୟକ କରିଥାଏ । ସାହିତ୍ୟ ଏହାର ଉତ୍ତମ ଉତ୍ସ । ଶିକ୍ଷକମାନେ ଛାତ୍ରମାନଙ୍କର ସାମର୍ଥ୍ୟ ବୁଝି ଉତ୍ତମ ଓ ହାରାହାରି ଠାରୁ ଅଧିକମାନର ସାମଗ୍ରୀ ଯୋଗାଇ ଦେବା ଆବଶ୍ୟକ ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଆହ୍ୱାନକୁ ଗ୍ରହଣ କରିପାରିବେ । ଏଣୁ ପିଲାମାନଙ୍କର ଶୈକ୍ଷିକ ସ୍ତର କୁ ଆକଳନ କରି ସେମାନଙ୍କୁ ମଜା ଲାଗିବା ଭଳି ସାମଗ୍ରୀ ଯୋଗାଡ କରିବା ଓ ସେମାନଙ୍କ ମାନସିକ ସାମର୍ଥ୍ୟ ପାଇଁ ଆହ୍ୱାନକୁ ପ୍ରମାଣ କରିବା ଶିକ୍ଷକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ ଭାଷା ସହିତ ଯେତେ ଅଧିକ କସରତ କରିବେ ସେତେ ଅଧିକ ଶିକ୍ଷା କରିବେ ।

ଅଧିକାଂଶ ରାଜ୍ୟରେ ପ୍ରଥମ ଶ୍ରେଣୀରୁ ଇଂରାଜୀ ପଢାଯାଏ । ଶିକ୍ଷକ, ଶିକ୍ଷଣ ସାମଗ୍ରୀ ମନୋନୟନ ତଥା ପ୍ରଦାନ କରିବାରେ ବିଶେଷ ଧ୍ୟାନ ଦେବା ଉଚିତ ଯେହେତୁ ପ୍ରଥମ ଭାଷା ବ୍ୟବହାରକାରୀ ପକ୍ଷରେ ଅନ୍ୟଭାଷାର ସାହିତ୍ୟ ବ୍ୟବହାର କରିବା କଷ୍ଟକର । ଶିକ୍ଷଣ ସାମଗ୍ରୀର ବିଶ୍ଳେଷଣ ସର୍ବନିମ୍ନ ହେବା ଉଚିତ ଏବଂ ପିଲାମାନଙ୍କୁ ସ୍ୱାଧୀନ ଭାବେ ପାଇବା ଓ ଖୋଜିବା ନିମନ୍ତେ ଅଭିପ୍ରେରିତ କରାଯିବା ଉଚିତ ।

ସାହିତ୍ୟ ବ୍ୟବହାର କଲା ବେଳେ ନିମ୍ନୋକ୍ତ ଦିଗ ପ୍ରତି ଧ୍ୟାନ ଦେବା ବିଧେୟ:

୧. ଶିକ୍ଷଣ ସାମଗ୍ରୀ ସଂପର୍କିତ ବୋଧଗମ୍ୟତା ସମ୍ପୂର୍ଣ୍ଣ ନହୋଇ ଆଂଶିକ ହେବା ଆବଶ୍ୟକ ।

୨. ପ୍ରତିକ୍ରିୟା- ଶିକ୍ଷଣ ସାମଗ୍ରୀ ସମ୍ପର୍କରେ ପିଲାମାନେ ସେମାନଙ୍କର ପ୍ରତିକ୍ରିୟା ଦେବା ଉଚିତ । ଏହା ମନ୍ତବ୍ୟ ରୂପେ ହେବା ଆବଶ୍ୟକ । ଏହା ଅବିକଳ ପୁନରାବୃତ୍ତି ନ ହୋଇ ଶିକ୍ଷାର୍ଥୀର ବ୍ୟକ୍ତିଗତ ଅଭିମତ ହେବ ।

୩. ସୃଜନ ଦିଗ ପ୍ରତି ସୁଯୋଗ ଦିଆଯାଇପାରେ ।

୪. ବିଶ୍ଳେଷଣ ମାଧ୍ୟମରେ ପୁନରାବୃତ୍ତି ବା ତ୍ରୁଟି ଦିଗ ପ୍ରତି ଗୁରୁତ୍ୱ ନଦେଇ ଛାତ୍ରମାନଙ୍କୁ

ଟିପ୍ପଣୀ

ପଢିଥିବା ବିଷୟ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଉତ୍ସାହିତ କରିବା ଉଚିତ । ଘଟଣାବଳୀଗୁଡିକ ମଧ୍ୟରେ ସମ୍ପର୍କ ଅନ୍ୱେଷ କରିବା ଏବଂ ସାହିତ୍ୟରେ ପ୍ରକାଶିତ ଧାରଣା ଓ ଆବେଗ ସବୁର ପସନ୍ଦ କରିବା ନିମିତ୍ତ ସେମାନଙ୍କୁ ନିଶ୍ଚିତ ଉତ୍ସାହିତ କରାଯିବା ଆବଶ୍ୟକ ।

## ୭.୪.୩ ସାହିତ୍ୟ ମାଧ୍ୟମରେ ବିବିଧ ଦକ୍ଷତାର ବିକାଶ

ଶ୍ରେଣୀ ଗୃହରେ ସାହିତ୍ୟର ପ୍ରୟୋଗ ସମ୍ପର୍କରେ ଆମେ ଏଯାବତ ଆଲୋଚନା କରିଛେ । ଶିକ୍ଷାର୍ଥୀ ଗଳ୍ପ ଓ କବିତାରେ ବର୍ଣ୍ଣିତ ପ୍ରସଙ୍ଗରୁ ଭାଷାର ଯଥାର୍ଥ ପ୍ରୟୋଗ ସମ୍ପର୍କରେ ଅବହିତ ହୁଏ, କିନ୍ତୁ ଆମେ ସାହିତ୍ୟର ଅନ୍ୟ ଗୁଣବତ୍ତା- ତା'ର ବ୍ୟାଖ୍ୟାନରୁ ଅବଲୋକନ କରୁ । ମଜାଦାର ଓ ଅଭିନିବେଶ କରୁଥିବା ଗଳ୍ପ ପାଠକ ଠାରେ ନିମଗ୍ନ ହେବାର କଳା ସୃଷ୍ଟି କରେ । ସାହିତ୍ୟିକ ଉପାଦାନ ପଠନରୁ ଜଣେ ଛାତ୍ର ତା'ର କଳ୍ପନାଶକ୍ତିକୁ ସମୃଦ୍ଧ କରେ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସ୍ୱାଧୀନତାର ବିକାଶ ଘଟାଏ । ସେ ମଧ୍ୟ ଅଜଣା ଶବ୍ଦର ଅର୍ଥ ବୁଝିବାର କୌଶଳର ବିକାଶ କରିପାରେ । ସେ ସାହିତ୍ୟର ବ୍ୟବହାର ମାଧ୍ୟମରେ ତାର ଚିନ୍ତନଧାରାର ନିୟନ୍ତ୍ରଣ ବିଷୟ ଶିକ୍ଷା କରେ ଏବଂ ସମାଜକୁ ସେ ସକରାତ୍ମକ ଅବଦାନ ଦେବାର ଶକ୍ତିର ବିକାଶ ଘଟାଏ । ସ୍କଟଙ୍କ ମତରେ ସାହିତ୍ୟ, ସାହିତ୍ୟ ସୌନ୍ଦର୍ଯ୍ୟ, ନୈତିକତା ଓ ଆଧ୍ୟାତ୍ମିକତାର ମୂଲ୍ୟବୋଧର ଦର୍ପଣ ଏବଂ ତାହା ମଧ୍ୟ ସାମାଜିକ ଧାରା ଓ ସଂସ୍କୃତିର ଅନୁବର୍ତ୍ତନ କରେ । ସାହିତ୍ୟ ମାଧ୍ୟମରେ ଭାଷା ଶିକ୍ଷଣ ବ୍ୟକ୍ତିତ୍ୱ ବିକାଶର ସୁଯୋଗ ସାଂସ୍କୃତିକ ସଂହତିରୁ ବିକଶିତ ହୋଇଥାଏ । ତେଣୁ ଶିକ୍ଷାର୍ଥୀମାନେ ସାଂସ୍କୃତିକ ଜୀବନ ସହ ପରିଚିତ ହେବା ସହ ଏଥିରେ ଅଂଶ ଗ୍ରହଣର ସୁଯୋଗ ଦେବା ବିଧେୟ ।

ଉଇଡୋସନଙ୍କ ମତରେ ସାହିତ୍ୟ କେବଳ ଭାଷା ପ୍ରୟୋଗ ବା ସାଂସ୍କୃତିକ ବିଷୟ ବୁଝିବାର ପ୍ରକ୍ରିୟା ନୁହେଁ, ବରଂ ଯୋଗାଯୋଗ ପାଇଁ ହେବା ଆବଶ୍ୟକ । ସାହିତ୍ୟିକ ସାମଗ୍ରୀ କେବଳ ପଠନ ଦକ୍ଷତା ଅଭିବୃଦ୍ଧିରେ ସହାୟକ ହୁଏ ନାହିଁ, କିନ୍ତୁ ଏହା ଶ୍ରବଣ, ପଠନ ଓ ଲିଖନ ଦକ୍ଷତାର ବିକାଶ ଘଟାଏ ।

ପ୍ରକୃତରେ ସାହିତ୍ୟର ଅନୁଶୀଳନ ଓ ପ୍ରୟୋଗ ଦ୍ୱାରା ବାସ୍ତବ ଜଗତର

ଟିପ୍ପଣୀ

ଘଟଣାବଳୀ ଓ ଅନୁଭୂତିକୁ ବୁଝିବା ସମ୍ଭବ ହୋଇଥାଏ । ଆମର ବ୍ୟକ୍ତିଗତ ତଥା ସାମାଜିକ ସମସ୍ୟାଗୁଡିକୁ ଅନୁଭବ କରିବାରେ ଏହା ସାହାଯ୍ୟ କରେ । ସେଗୁଡିକର ଆବେଗିକ ଶକ୍ତି ଦ୍ୱାରା ଏହା ପାଠକମାନଙ୍କୁ ସାଂସ୍କୃତିକ ଓ ସାହିତ୍ୟିକ ବିକାଶରେ ସହାୟତା କରିଥାଏ ।

**ନିଜର ପ୍ରଗତି ପରଖି ଦେଖ - ୬**

୧. ମଜା ଗପ ନିମ୍ନୋକ୍ତ ଗୁଣ ମଧ୍ୟରୁ କେଉଁଟିର ବିକାଶରେ ସାହାଯ୍ୟ କରେ:

(କ) ଏକାଗ୍ରତା

(ଖ) ଆନୁମାନିକ କଳା

(ଗ) କଳ୍ପନା

(ଘ) ଉପରୋକ୍ତ ସମସ୍ତ ଗୁଣ

୨. ପିଲାମାନଙ୍କୁ ସାହିତ୍ୟିକ ବାତାବରଣ ଦେବାର ଉପକାରିତା କଣ ?

..........................................................................................

..........................................................................................

..........................................................................................

**୭.୫. ବିଭିନ୍ନ ବିଭାବର ଅଧ୍ୟାପନା**

ଜଣେ ଭାଷା ଶିକ୍ଷକ ଭାବେ ତୁମକୁ ବିଭିନ୍ନ ସାହିତ୍ୟିକ ବିଭାବ, ଯଥା ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ସଙ୍ଗେ କାରବାର କରିବାକୁ ହେବ । କେଉଁ ବିଷୟର ଶିକ୍ଷାଦାନ ତୁମେ ଅଧିକ ଉପଭୋଗ କର ? ଯେତେବେଳ ସର୍ବାଧିକ ପିଲା ଗଳ୍ପ ପଢିବାରେ ଆଗ୍ରହୀ, ତୁମେ ସେତେବେଳେ କବିତା ପଢିବା ପାଇଁ ପ୍ରୋତ୍ସାହିତ କରିବ କିପରି ? ପ୍ରବନ୍ଧର ଉପଯୋଗିତା ବିଷୟରେ ବୁଝାଇବ କିପରି ? କି କୌଶଳ ଓ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ପାଠ୍ୟ ପୁସ୍ତକ ପ୍ରକ୍ରିୟା ବୃଦ୍ଧି କରିପାରିବ ? ଅଧିକାଂଶ ଦିଗ ଏଠାରେ ଉପସ୍ଥାପିତ ହୋଇଛି ଏବଂ ଅଧିକ ପ୍ରାଞ୍ଜଳ ଭାବେ ପାଠ୍ୟ ପ୍ରକଳ୍ପ ଅଧ୍ୟାୟରେ ଉପସ୍ଥାପନ କରାଯାଇଛି ।

ଟିପ୍ପଣୀ

### ୭.୫.୧. ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀମାନଙ୍କରେ ବିଭାବ ଗୁଡିକୁ ଅନ୍ତର୍ଭୁକ୍ତ କରିବାର ଆଧାର ?

ଗଳ୍ପ, ଲୋକ ଗଳ୍ପ, ପୁରାଣ କଥା କାଳ୍ପନିକ କାହାଣୀ ଓ କିମ୍ବଦନ୍ତୀ ଏବଂ ପଦ୍ୟଗୁଡିକ ପ୍ରାଥମିକ ପାଠ୍ୟ ପୁସ୍ତକରେ ଅନ୍ତର୍ଭୁକ୍ତ ହୋଇଥାଏ । ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଏସବୁ ସଙ୍ଗେ ଉପନ୍ୟାସ, ନାଟକ, ହାସ୍ୟନାଟକ, ସ୍ମୃତିଲେଖ, ଜୀବନୀ ଓ ଆତ୍ମଜୀବନୀ ଇତ୍ୟାଦି ବ୍ୟବହୃତ ହୋଇଥାଏ ।

ପିଲାମାନେ କ୍ଷୁଦ୍ରଗଳ୍ପ ପଢିବାରେ ବହୁ ସୁବିଧା ଅଛି । ସେସବୁ ସରଳ ଏବଂ ପାଠ୍ୟପୁସ୍ତକ ପାଇଁ ସାଧାରଣତଃ କ୍ଷୁଦ୍ରଲେଖା, ଦରକାର ଯାହାର ସଂକ୍ଷିପ୍ତତା ପିଲାମାନଙ୍କ ପଠନ ଆଗ୍ରହକୁ ବୃଦ୍ଧି କରେ । ସେସବୁ ମଧ୍ୟ ଆହ୍ୱାନମୂଳକ, କାରଣ ସମଗ୍ର କଥାବସ୍ତୁ ଅଳ୍ପ ପୃଷ୍ଠାରେ ସଂକ୍ଷିପ୍ତ କରାଯାଏ ।

ପ୍ରାରମ୍ଭିକ ଶ୍ରେଣୀରେ ଛାତ୍ରମାନଙ୍କ ଆଗ୍ରହ ସରଳ ଧ୍ୱନି କବିତା ମାଧ୍ୟମରେ ସୃଷ୍ଟି କରିବା ସହଜ । ଉଚ୍ଚ ଶ୍ରେଣୀଗୁଡିକରେ ଶବ୍ଦ ଓ ଧ୍ୱନିମେଳ ପାଇଁ ସମ୍ବେଦନଶୀଳତା ବିକାଶରେ ତାହା ବ୍ୟବହାର କରାଯାଇପାରିବ । କବିତାରେ ଅନେକ ସମୟରେ ଉପମା, ଅନୁପ୍ରାସ ଓ ରୂପକ ବ୍ୟବହୃତ ହୁଏ । ଗଦ୍ୟରେ ପ୍ରାୟତଃ ଏହାର ପ୍ରୟୋଗ ନଥାଏ, ତେଣୁ କବିତା ମାଧ୍ୟମରେ ଏସବୁ ବିଷୟ ପିଲାଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ । ଏହାର ବ୍ୟବହାର ଦ୍ୱାରା ପିଲାମାନଙ୍କର ସୃଜନଶୀଳ ଭାଷା, ଦକ୍ଷତା ବୃଦ୍ଧି କରାଯାଇପାରିବ ।

ନାଟକ ଦ୍ୱାରା ଛାତ୍ରମାନଙ୍କ ଶ୍ରବଣ ଦକ୍ଷତାର ଅଭିବୃଦ୍ଧି ଘଟେ । ଏଥିରେ ନିହିତ କଠିନ ବ୍ୟାକରଣଗତ ଗଠନ ଛାତ୍ରମାନଙ୍କୁ ସାହିତ୍ୟ ହୃଦୟଙ୍ଗମ କରିବା ପ୍ରସଙ୍ଗରେ ସଂହତି ସଂସ୍ଥାପନର ସହାୟତା କରେ । ପଠନ ସମୟରେ ଛାତ୍ରମାନେ ଦୃଶ୍ୟ ସଂଦର୍ଶନରେ ଏବଂ ଗୋଟିଏ ଚରିତ୍ର କିପରି ସଂଳାପର ନିର୍ଦ୍ଦିଷ୍ଟ ପଙ୍‌କ୍ତି ଉଚ୍ଚାରଣ କରିଥାଏ ତାହା ଅଂଶଗ୍ରହଣର ଧାରଣା ସୃଷ୍ଟି କରେ । ଏହା ସେମାନଙ୍କର କଳ୍ପନାଶକ୍ତିର ଉଦ୍ରେକ ଓ ଉତ୍ଥାନ ଘଟାଏ । ନାଟକ ମାଧ୍ୟମରେ ପିଲାମାନେ ମାନବିକତାର ଅର୍ଥ କ'ଣ ତାହା ଅନୁଭବ କରନ୍ତି । ସେମାନେ କଳ୍ପନାର ଆଲୋଡନ ଏବଂ ଅନ୍ତର୍ଚେତନାର ଉଦ୍ରେକ, ପ୍ରତିଫଳନ ତଥା ଆତ୍ମଜ୍ଞାନର ଉନ୍ମେଷ କରନ୍ତି ।

ଟିପ୍ପଣୀ

ସାମ୍ପ୍ରତିକ ସମୟରେ ସାହିତ୍ୟରେ ସାମାଜିକୀକରଣ ସମ୍ପର୍କିତ ଗବେଷଣାରେ ପ୍ରତିପାଦିତ ହୁଏ ଯେ ସାହିତ୍ୟ ପାଠ ପଠନ ପାରଦର୍ଶିତା ଓ ଦକ୍ଷତାର ଅଭିବୃଦ୍ଧି କରିଥାଏ । କାରଣ ଏହା ପଠନ ନିମିତ୍ତ ଅଭିପ୍ରେରଣା ପ୍ରଦାନରେ ଏବଂ ଆମେ ଜାଣୁ ଯେ ଅଧିକରୁ ଅଧିକ ପଠନ ଦ୍ୱାରା ଆମ୍ଭେ ଉତ୍ତମ ପାଠକ ହୋଇପାରିବା । ଛାତ୍ରମାନଙ୍କୁ ଏପରି ସାହିତ୍ୟ ଦିଆଯିବ, ଯହିଁରେ ସେମାନେ ପଠନ ଉପଭୋଗ କରିପାରିବେ, ଯାହା ସେମାନଙ୍କ କଳ୍ପାଶକ୍ତିକୁ ଆହ୍ୱାନ କରିବ ଏବଂ ସେମାନଙ୍କୁ ବିଭିନ୍ନ ସଂସ୍କୃତିର ତଫାତ ସଂପର୍କରେ ଅନୁଭବୀ ଓ ସମ୍ବେଦନଶୀଳ କରିପାରିବ ।

ଯେହେତୁ ପ୍ରାଥମିକ ସ୍ତରରେ ସାହିତ୍ୟରେ ମୁଖ୍ୟତଃ ଗଳ୍ପ, କବିତା, ପଦ୍ୟ, ଲୋକଗପ ସନ୍ନିବିଷ୍ଟ, ତେଣୁ ଯେଉଁ ବହି ସହଜରେ ଛାତ୍ରମାନଙ୍କର ବୋଧଗମ୍ୟ ହେବ ତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ଶିକ୍ଷକମାନେ ଛାତ୍ରମାନଙ୍କୁ ସୃଜନାତ୍ମକ ପଠନର ଦକ୍ଷତା ଲାଭ କରିବାରେ ଓ ସେମାନଙ୍କ ନିଜ ବିଷୟ ଓ ଅଧ୍ୟୟନ ପ୍ରସଙ୍ଗ ପଠନ କରିବାରେ ସହାୟତା କରିବା ଆବଶ୍ୟକ । ପାଠ୍ୟକ୍ରମ ଓ ପାଠ୍ୟଖସଡାର ଉଦ୍ଦେଶ୍ୟ ହେଲା ପିଲାମାନଙ୍କୁ ସାହିତ୍ୟର ବିଭିନ୍ନ ବିଭାବ ଓ ସେସବୁର ଉଦାହରଣ ସହିତ ପରିଚିତ କରାଇବା । ଏହା ଅଧ୍ୟୟନ ନିମିତ୍ତ ଏକ ସକାରାତ୍ମକ ମାନସିକତା ବିକାଶ କରିବା ସହିତ ପଠନର ଅଭ୍ୟାସ ବୃଦ୍ଧି କରିବ ।

ସାହିତ୍ୟ, ଉଭୟ ମୌଳିକ ଭାଷା ଦକ୍ଷତା ଯଥା ପଠନ, ଲିଖନ, ଶ୍ରବଣ ଓ ଲିଖନ ଏବଂ ଭାଷା ଦକ୍ଷତା– ବ୍ୟାକରଣ ଓ ଶବ୍ଦଜ୍ଞାନର ବିକାଶକୁ ସମୃଦ୍ଧ କରେ । ଏନ୍.ସି.ଇ.ଆର.ଟି. ଦ୍ୱାରା ପ୍ରସ୍ତୁତ ହିନ୍ଦୀ ଓ ଇଂରାଜୀ ପାଠ୍ୟ ପୁସ୍ତକରୁ ଆମେ ବୁଝିପାରିବା କିପରି ଛାତ୍ରମାନଙ୍କର ଦକ୍ଷତା ଏକ ଆଶାଜନକ ସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରେ । ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ ସରଳ ପଦ୍ୟ ସହିତ ଆରମ୍ଭ ହୋଇଥାଏ ଓ ଶେଷରେ ଗପ ପ୍ରଦତ୍ତ ହୋଇଥାଏ, ଯେତେବେଳେ ବୁଝାଯାଏ ଯେ ପିଲାଟି ଦୁଇଦିନ ଭିତରେ ଗୋଟିଏ ଗପ ବୁଝିବା ନିମନ୍ତେ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ପଞ୍ଚମ ଶ୍ରେଣୀ ପାଠ୍ୟ ପୁସ୍ତକରେ ବିଭିନ୍ନ ପ୍ରକାରର ଗଦ୍ୟ ରଚନା ଯଥା: ଗଳ୍ପ, ପ୍ରବନ୍ଧ, ସାକ୍ଷାତକାର ଏବଂ କବିତା ଓ ନାଟକ ଆଦି ରହିଛି । ପ୍ରେମଚନ୍ଦଙ୍କ ଇଦ୍‌ଗା ପରି ଗଳ୍ପ ଶିକ୍ଷାର ସୂକ୍ଷ୍ମ ଅନୁଭବ ବିକାଶରେ ସାହାଯ୍ୟ କରେ । ପାଠ୍ୟ ପୁସ୍ତକ ଅନୁଶୀଳନ ତୁମକୁ ତୁମ ଶ୍ରେଣୀର ସାହିତ୍ୟ ଚୟନରେ ସାହାଯ୍ୟ କରିବ ।

ଉଚ୍ଚ ପ୍ରାଥମିକ ଶ୍ରେଣୀର ପିଲାମାନେ ଶୈଶବ ଓ କୈଶୋର ସୋପାନ ମଧ୍ୟରେ ଥାନ୍ତି । ଏହି ଅବସ୍ଥାରେ ଉଭୟ ଗଳ୍ପ ଓ କବିତା ସେମାନଙ୍କୁ ତାଙ୍କ ଶୈଶବର ସ୍ମୃତିକି ଉଖାରିବା ସଙ୍ଗେ ସଙ୍ଗେ ସେମାନଙ୍କ ସମ୍ଭାବ୍ୟ ଭବିଷ୍ୟତ ଜୀବନର ପ୍ରାସଙ୍ଗିକତାକୁ ଉନ୍ମୋଚନ କରିବାକୁ ଉତ୍ସାହିତ କରେ । ନାଟକ ସେମାନଙ୍କୁ ଭାବବ୍ୟକ୍ତ ନିମିତ୍ତ ଏକ ଦ୍ୱାରା ପ୍ରଦାନ କରିଥାଏ ଓ ଆଉ ମଧ୍ୟ ସେମାନଙ୍କୁ ସମସ୍ୟା ଓ ଅନୁଭୂତି ବୁଝିବାରେ ସାହାଯ୍ୟ କରେ ଯାହା ପୂର୍ବରୁ ସେମାନେ ବୁଝି ପାରିବାକୁ ସମର୍ଥ ନଥିଲେ । ଆମେ ଭାଷା ଶିକ୍ଷଣରେ ଏପରି ସାହିତ୍ୟ ନିର୍ବାଚନ କରିବା ଯାହା ଶୈଶବର ଓ କୈଶୋରର ତଫାତ ଦର୍ଶାଇପାରିବ ।

### ୭.୫.୨. ଶ୍ରେଣୀ କକ୍ଷରେ ସାହିତ୍ୟ ବିଭାବର ପ୍ରୟୋଗ

ଭାଷା ଶିକ୍ଷାଦାନ ପ୍ରସଙ୍ଗରେ ପାଠ୍ୟ ପୁସ୍ତକ ଓ ପାଠ୍ୟ ଖସଡା ସ୍ଥାନିତ ଗଳ୍ପ, କବିତା, ଉପନ୍ୟାସ ଓ ଏକାଙ୍କିକା ଆଦି ସାହିତ୍ୟିକ ବିଭାବ ଗୁଡିକ ଶ୍ରେଣୀ କକ୍ଷରେ କିପରି ପ୍ରୟୋଗ କରାଯିବ ତାର ବିଶଦ ଆଲୋଚନା ଆମେ ଏଠାରେ କରିବା ।

**ଗଳ୍ପ ବା କ୍ଷୁଦ୍ର ଗଳ୍ପର ଉଦ୍ଧୃତିର ବ୍ୟବହାର:** ପ୍ରାୟ ସମସ୍ତ ପାଠ୍ୟପୁସ୍ତକରେ କ୍ଷୁଦ୍ର ଗଳ୍ପ ଥାଏ । ଏକ ଉପଯୁକ୍ତ ଗଳ୍ପରୁ ଆପଣ ଏକ ଉଦ୍ଧୃତି ନେଇ ପାରିବେ ଓ ନିମ୍ନଲିଖିତ କାର୍ଯ୍ୟଗୁଡିକୁ ପରିଚାଳିତ କରିପାରିବେ ।

ଯଦି ଉଦ୍ଧୃତିଟି ଏକ ଦୀର୍ଘ ଗପର ଅଂଶ ହୋଇଥାଏ, ଆପଣ ପିଲାମାନଙ୍କୁ ଏପରି ଲେଖିବାକୁ କହିପାରିବେ ।

- ଏହାର ପରେ କ'ଣ ଘଟିବ ?
- ଏହାର ପୂର୍ବରୁ କଣ ଘଟିଛି ?

କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ରର ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିବାକୁ ପଚାରିପାରିବେ । ବହିରେ ଥିବା କୌଣସି ଦୁଇଟି ଚରିତ୍ର ପରସ୍ପର ମଧ୍ୟରେ ଅଭିନୟ ସଂଳାପ ଲେଖିବାକୁ ପିଲାମାନଙ୍କୁ କହିପାରିବେ ।

ଶିକ୍ଷକ ଶ୍ରେଣୀରେ ଗପଟି କହିବେ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କହିବା

ଟିପ୍ପଣୀ

ବନ୍ଦ କରି ପିଲାଙ୍କୁ ପ୍ରଶ୍ନ ପଚାରିବେ । ଭିନ୍ନ ବର୍ଗର ପିଲାଙ୍କ ପାଇଁ ଭିନ୍ନ ପ୍ରକାରର ପ୍ରଶ୍ନ ପଚରାଯିବ । ପିଲାମାନେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିବାକୁ କୁହାଯିବ ।

- କ'ଣ ଘଟିବ ବୋଲି ସେମାନେ ଭାବୁଛନ୍ତି ?
- ତାଙ୍କ ମନରେ କେଉଁ ଚିତ୍ରକଳ୍ପ ପ୍ରତିଫଳିତ ହେଉଛି ?
- ବିଭିନ୍ନ ଚରିତ୍ରମାନଙ୍କ ସମ୍ପର୍କରେ ସେମାନଙ୍କର ମତାମତ କ'ଣ ?
- ଗଳ୍ପ ବିଷୟରେ ସେମାନଙ୍କ ମନରେ କି ପ୍ରଶ୍ନ ଉଠୁଛି ?

ପ୍ରାଥମିକ ଶ୍ରେଣୀର ପିଲାମାନେ ମୌଖିକ ଉତ୍ତର ଦେବେ । କିନ୍ତୁ ଉଚ୍ଚ ଶ୍ରେଣୀର ପିଲାମାନେ ବହି ସ୍ମରଣିକାରେ ତାଙ୍କ ପ୍ରତିକ୍ରିୟା ଲେଖିବେ । ଲୋକଗପ ଯଥା; ଆକବର-ବୀରବଲ, ଆଲ୍ଲା- ଉଦ୍ଦାଲ, ଗୋନୁ-ଝା, ତେନାଲିରାମା, ଇତ୍ୟାଦି ଏଥିପାଇଁ ବଛାଯିବ, କାରଣ ପିଲାମାନେ ସେମାନଙ୍କ କଥାବସ୍ତୁ ସହଜରେ ସ୍ଥିର କରିପାରିବେ ।

**କବିତାର ପ୍ରୟୋଗ:**

ତୁମେ ଏକ କବିତା ଆବୃତ୍ତି କରିବ ବା ପିଲାଙ୍କୁ ବିରାମ ଓ ଭାବ ପ୍ରକାଶ ସହ କହିବ । ତୁମେ ମଧ୍ୟ ନିମ୍ନମତେ କରିବ-

କବିତାର କଥାବସ୍ତୁ ଲେଖିବାକୁ ପିଲାଙ୍କୁ କୁହାଯିବ ।

- କବିତାଟି କାହାପାଇଁ ଉଦ୍ଦିଷ୍ଟ ?
- ଏ କବିତାଟି କାହିଁକି ଲେଖାଯାଉଛି ?

ପିଲାମାନଙ୍କୁ କବିତାର ବର୍ଣ୍ଣିତ ପ୍ରସଙ୍ଗ ବର୍ଣ୍ଣନା କରିବାକୁ କୁହାଯିବ ।

- ପ୍ରସଙ୍ଗଟି ସେମାନଙ୍କୁ ଜୀବନ ସଙ୍ଗେ କିପରି ସମ୍ପର୍କିତ ?

ସେମାନେ ତାଙ୍କ ଅଭିମତ ପ୍ରକାଶ କରିବେ ।

ପିଲାମାନଙ୍କୁ ଏହି କବିତା ଶୈଳୀରେ ଭିନ୍ନ ଏକ କବିତା ଲେଖିବାକୁ କୁହାଯିବ,

ଯାହାର ଅର୍ଥ ବଦଳିବ, କିନ୍ତୁ ପ୍ରକାଶଶୈଳୀ ଅପରିବର୍ତ୍ତିତ ରହିବ । ଅଧିକ ଅଗ୍ରଣୀ ଛାତ୍ରମାନଙ୍କୁ କବିତାର ବିବିଧ ଲକ୍ଷଣ ବର୍ଣ୍ଣନା କରିବାକୁ କୁହାଯାଇପାରିବ ଏବଂ ତନ୍ମଧ୍ୟରୁ କେଉଁଟି ସେମାନଙ୍କୁ ଶ୍ରୁତି ମଧୁର ଲାଗୁଛି କହିବେ ? ସେମାନେ କବିତାର ଯତିପାତ ପଦ୍ଧତି ଆଲୋଚନା କରିବେ ।

**ନାଟକର ପ୍ରୟୋଗ:**

ତୁମ ଶ୍ରେଣୀରେ କି ପ୍ରକାର ନାଟକ ପ୍ରୟୋଗ କରାଯିବ, ତୁମେ ତାହା ସ୍ଥିର କରିବ । କେହି କେହି ଅର୍ଥରମିଲର, ସାକି ପ୍ରମୁଖ ସାମ୍ପ୍ରତିକ ନାଟକ ଲେଖକଙ୍କ ନାଟକ, ଯାହାର ସଂହତି ଓ ଭାଷା ସହଜେ ବୋଧଗମ୍ୟ ତାକୁ ହିଁ ଚୟନ କରନ୍ତି । ଅନ୍ୟମାନେ ସେକ୍ସପିୟର ବା ଭାରତେନ୍ଦୁଙ୍କ ଅନ୍ଧେରିର ନଗରୀ, ରାମକୁମାର ବର୍ମାଙ୍କ 'ଅଶୋକ ଶସ୍ତ୍ରତ୍ୟାଗ' ପରି ହିନ୍ଦି ସାହିତ୍ୟର ପ୍ରସିଦ୍ଧ ଶାସ୍ତ୍ରୀୟ ନାଟକ ଗୁଡ଼ିକୁ ପସନ୍ଦ କରିଥାନ୍ତି । ଯାହା ହେଉ ଏହା ଅନସ୍ୱୀକାର୍ଯ୍ୟ ଯେ ଏହି ନାଟକ ସବୁ ଛାତ୍ରମାନଙ୍କ ସୂକ୍ଷ୍ମାନୁଭୂତି ଓ ଆବେଗିକ ସଂହତିକୁ ଶୀର୍ଷକୁ ଉତ୍ତରଣ କରିବାରେ ଅଧିକ ଉପଯୋଗୀ ହୋଇଥାଏ ।

ପିଲାମାନଙ୍କୁ ସେମାନଙ୍କ ନିଜ ନାଟକ ମଞ୍ଚସ୍ଥ କରିବା ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରିବା ନିମନ୍ତେ କୁହାଯାଇପାରିବ । ସେମାନେ ଖବରକାଗଜ କଟିଂ, ଲିଖିତ ସାମଗ୍ରୀ, ଛବି ବା ଅନ୍ୟ କିଛି ସାମଗ୍ରୀ ଯାହା ସେମାନଙ୍କ ଦୃଷ୍ଟିରେ ନାଟକ ପାଇଁ ଦରକାରୀ ଲାଗୁଥିବ, ବ୍ୟବହାର କରିପାରିବେ । ଏହି ଅଭ୍ୟାସ ପ୍ରକ୍ରିୟା ସେମାନଙ୍କୁ ଉତ୍ତମ ଉପାୟରେ ପରିପ୍ରକାଶ, ସେମାନେ ବସବାସ କରୁଥିବା ଜଗତ ସମ୍ପର୍କରେ ସେମାନଙ୍କ ଦୃଷ୍ଟିକୋଣ ବିନିମୟ କରିବାର ସାମର୍ଥ୍ୟ ବିକାଶ କରିବ ।

**୭.୫.୩. ସାହିତ୍ୟ ଶ୍ରେଣୀ କକ୍ଷରେ ସମ୍ମୁଖୀନ ହେଉଥିବା ସମସ୍ୟା**

ଯଦି ସାହିତ୍ୟିକ ସାମଗ୍ରୀ ଠିକଣା ଭାବେ ଚୟନ କରାନଯାଏ ଏବଂ ପିଲାମାନଙ୍କ ଭାବତାତ୍ତ୍ୱିକ ଓ ଶୈକ୍ଷିକ ସ୍ତର ସଙ୍ଗେ ସମତୁଲ ନହୁଏ ତେବେ ଗୁରୁତର ସମସ୍ୟା ଦେଖାଯାଇପାରେ । ଯଦି ପିଲାମାନେ ପଢୁଥିବା ପାଠ୍ୟପୁସ୍ତକର ମୌଳିକ ଅର୍ଥ ଶବ୍ଦ ବା ବ୍ୟାକରଣଗତ କାରଣରୁ ବୁଝିପାରୁନଥିବେ ତେବେ ସେମାନେ ଶୀଘ୍ର ଆଗ୍ରହ ହରାଇବେ

ଓ ସମଗ୍ର କାର୍ଯ୍ୟଟି ଅସଫଳ ପ୍ରମାଣିତ ହୋଇପାରେ । ଯଦି ପିଲାମାନେ ଖୁବ୍ କଷ୍ଟରେ ବୁଝିପାରୁଥିବା ଭାଷାରେ ଅଧ୍ୟୟନ କରନ୍ତି ତେବେ ସେମାନେ ବିଷୟବସ୍ତୁ ଓ ଶୈଳୀ ସମ୍ପର୍କରେ ଆଲୋଚନା କରିପାରିବେ ବୋଲି ସେମାନଙ୍କଠୁଁ ଆଶା କରିବା ନିରର୍ଥକ । ବିଭିନ୍ନ ଭାଷାଶିକ୍ଷକ ଭିନ୍ନ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଶିକ୍ଷକମାନେ ପିଲାମାନଙ୍କୁ ପରିବେଶର ବିଶାଳ ବିବିଧତା ଏବଂ ଭିନ୍ନ ମେଧା ସ୍ତର ଓ ଏକାଗ୍ରତା ବ୍ୟବଧାନରେ ଚଳେଇବାକୁ ପଡିବ । ସେମାନଙ୍କୁ ମଧ୍ୟ ବୁଝିବାକୁ ହେବ ଯେ ପ୍ରଥମ ଭାଷା ଶିକ୍ଷଣରେ ସାହିତ୍ୟ ଶିକ୍ଷା ଦ୍ୱିତୀୟ ଭାଷା ସାହିତ୍ୟ ଶିକ୍ଷଣ ଠାରୁ ଉଲ୍ଲେଖନୀୟ ଭାବେ ଭିନ୍ନ । ବିଶେଷକରି ପ୍ରାଥମିକ ଶ୍ରେଣୀର ସାହିତ୍ୟ ପାଠ୍ୟପୁସ୍ତକର ସ୍ତର ଦ୍ୱିତୀୟ ଭାଷା ଶିକ୍ଷଣ ପରିପ୍ରେକ୍ଷୀରେ ପ୍ରଥମ ଭାଷା ପାଠ୍ୟପୁସ୍ତକ ଠାରୁ ତୁଳନାତ୍ମକ ଭାବେ କମମାନର ହେବା ଆବଶ୍ୟକ । ଦ୍ୱିତୀୟ ଭାଷାରେ ଶିକ୍ଷକଙ୍କ ପାରଦର୍ଶିତା ସ୍ତର ଏବଂ ନିର୍ଦ୍ଧାରିତ ଭାଷା ସହ ସେମାନଙ୍କ ପରିଚିତି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିମାପକ । ଏହା ସ୍ପଷ୍ଟ ହେବା ଆବଶ୍ୟକ ଯେ ଭାଷା ଶିକ୍ଷଣକୁ ଏକ ସଫଳ ବ୍ୟବସ୍ଥା କରିବାକୁ ହେଲେ, ଆମକୁ ସଘନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ କରିବାକୁ ହେବ ।

**ନିଜ ପ୍ରଗତିକୁ ପରଖି ଦେଖ - ୭**

୧. ସାହିତ୍ୟ ଅଧ୍ୟୟନ କରିବା ନିମ୍ନୋକ୍ତ କେଉଁ ଦକ୍ଷତାର ବୃଦ୍ଧି ଘଟାଏ ?

(କ) ପଠନ

(ଖ) ଲିଖନ

(ଗ) କଥନ

(ଘ) ଶ୍ରବଣ

୨. ଶ୍ରେଣୀରେ ନାଟକ ଜରିଆରେ ପିଲାମାନଙ୍କୁ ଭାଷା ଶିକ୍ଷାଦାନ କରିବା ଦ୍ୱାରା ସେମାନଙ୍କ ଭିତରେ କେଉଁ ମୂଲ୍ୟବୋଧର ଅନ୍ତର୍ନିବେଶ ହୋଇଥାଏ ।

.......................................................................................

.......................................................................................

.......................................................................

୩. ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପାଠ୍ୟ ପୁସ୍ତକରେ ବ୍ୟବହୃତ ସାହିତ୍ୟିକ ବିଭାବର ଶ୍ରେଣୀ ବିଭାଗ କର ? ସେଥିରେ କେଉଁ ବିଭାବଗୁଡିକ ବ୍ୟବହୃତ ହୋଇନାହିଁ ତାହାର ତାଲିକା କର ?

.......................................................................

.......................................................................

.......................................................................

୪. ପ୍ରାଥମିକ ଶ୍ରେଣୀରେ ସାହିତ୍ୟିକ ବିଭାବ ଚୟନର ଆଧାର କ'ଣ ?

.......................................................................

.......................................................................

.......................................................................

## ୭.୬ ସାରାଂଶ:

- ସାହିତ୍ୟରେ ସମସ୍ତ ପ୍ରକାର ଲେଖା ନିହିତ, କିନ୍ତୁ ଏହାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ସୃଜନାତ୍ମକ ଓ ଶୈକ୍ଷିକ ଲେଖା; ସମ୍ବାଦ-ସାହିତ୍ୟ ଓ ବିଜ୍ଞାପନ, ସାହିତ୍ୟର ପ୍ରକୃତ ବିଭାବ ନୁହେଁ ।
- **ସାହିତ୍ୟ ଦୁଇ ପ୍ରକାରର –** ସୃଜନାତ୍ମକ ସାହିତ୍ୟ ଓ ଅଣସୃଜନାତ୍ମକ ସାହିତ୍ୟ । ସୃଜନଶୀଳ ସାହିତ୍ୟର ଲକ୍ଷ୍ୟ ଆନନ୍ଦ ପ୍ରଦାନ, ସମ୍ବେଦନା ଓ ସୂକ୍ଷ୍ମାନୁଭବ ବିକାଶ କରିବା । ଏଥିରେ ଆମେ ଗଳ୍ପ, କବିତା, ପ୍ରବନ୍ଧ ଛବି ଅଙ୍କନ ପାଉ କିନ୍ତୁ ଅଣସୃଜନାତ୍ମକ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଲା– ସମ୍ବାଦ ସଂଗ୍ରହ, ଘଟଣାବଳୀର ସ୍ମରଣ ଏବଂ ସମସ୍ୟାଗୁଡିକର ସମାଧାନ । ଅଭିଧାନ, ବିଶ୍ୱକୋଷ, ବିଜ୍ଞାନ-ସାହିତ୍ୟ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।
- ଭାଷା ପ୍ରଶିକ୍ଷଣ ପାଇଁ ସାହିତ୍ୟ ବ୍ୟତୀତ ବିଜ୍ଞାପନ, ବ୍ୟାଙ୍ଗଚିତ୍ର (କାର୍ଟୁନ) ପରି

ଟିପ୍ପଣୀ

ମୁଦ୍ରଣବସ୍ତୁ ବ୍ୟବହୃତ ହୋଇଥାଏ ।

- ବିଭାବ ଦୃଷ୍ଟିରୁ ସାହିତ୍ୟର ତିନିଟି ବିଭାଗ ଯଥା (୧) ଗଦ୍ୟ ସାହିତ୍ୟ- ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ଭ୍ରମଣ କାହାଣୀ, (୨) ପଦ୍ୟ ସାହିତ୍ୟ ଯଥା: କବିତା ଶ୍ଳୋକ ଚତୁର୍ଥପଦୀ କବିତା ଏବଂ(୩) ନାଟକ ।
- ଭାଷା ପ୍ରଶିକ୍ଷଣରେ ତିନୋଟି ଆକୃତି ଦ୍ୱାରା ସାହିତ୍ୟର ପ୍ରୟୋଗ ହୁଏ ଭାଷା ଆକୃତି, ସାହିତ୍ୟ ଆକୃତି ଓ ବ୍ୟକ୍ତିତ୍ୱ ବିକାଶ ଆକୃତି ।
- ଭାଷା ଶିକ୍ଷଣର ଦୁଇଟି ଉପାୟ ଅଛି- ଭାଷାର ଆହରଣ ଓ ଭାଷାଶିକ୍ଷଣ, ଭାଷା ପ୍ରାକୃତିକ ପରିବେଶରେ କୌଣସି ପାରମ୍ପରିକ ଶିକ୍ଷଣ ବିନା ଆହରଣ କରାଯାଇଥାଏ । ପରେ ତାହା ଗତାନୁଗତିକ ଶ୍ରେଣୀ କକ୍ଷ ଶିକ୍ଷଣରେ ଗ୍ରହଣ କରାଯାଏ । ସାହିତ୍ୟ ଏକ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରେ, ଯାହା ଆହରଣ ପରିବେଶର ନିକଟବର୍ତ୍ତୀ ।
- ଭାଷା ଶ୍ରେଣୀ କକ୍ଷରେ ବ୍ୟବହୃତ ସାହିତ୍ୟ ପିଲାମାନଙ୍କ ନିମନ୍ତେ ଉପଯୋଗୀ ଓ ତାଙ୍କ ଆଗ୍ରହ ଉଦ୍ରେକକାରୀ ହେବା ଆବଶ୍ୟକ ।
- ସାହିତ୍ୟ ବ୍ୟବହାର ଦ୍ୱାରା ପିଲାମାନଙ୍କର ସୃଜନାତ୍ମକ ଦକ୍ଷତା, ପାଠ୍ୟ ସାମଗ୍ରୀ ସମ୍ପର୍କରେ ମନ୍ତବ୍ୟ, ଅତ୍ମ ଉପଲବ୍ଧି, ଅନୁଶୀଳନ ଶକ୍ତି ଓ ଏକାଗ୍ରତା ଆଦିର ବିକାଶ ଘଟେ । ସେମାନଙ୍କ କଳ୍ପନା ପ୍ରବଣ ହୁଅନ୍ତି ଏବଂ ସେମାନେ ସାମାଜିକ ତଥା ସାଂସ୍କୃତିକ ସଚେତନ ହୋଇଥାନ୍ତି ।
- ଶିଶୁ ସାହିତ୍ୟ ଦ୍ୱାରା ପିଲାମାନଙ୍କର କଳ୍ପନାଶକ୍ତି, ପଠନ ପ୍ରତି ଆଗ୍ରହ ଏବଂ ଆତ୍ମ ପରିପ୍ରକାଶର ବିକାଶ ଘଟେ ।
- ପଠନ, ଲିଖନ, ଶ୍ରବଣ ଓ କଥନ- ଏହି ମୌଳିକ ଭାଷା ଦକ୍ଷତା ସହିତ ସାହିତ୍ୟ ଭାଷାର ଅନ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଯଥା ପରିପ୍ରକାଶ, ସୃଜନଶୀଳ ଲେଖା, ଶବ୍ଦାର୍ଥ ଓ ବ୍ୟାକରଣ ଜ୍ଞାନ ପ୍ରଦାନ କରିଥାଏ ।



ଟିପ୍ପଣୀ

**ତୁମ ପାଇଁ କାମ:**

ତୁମ ଶ୍ରେଣୀ କକ୍ଷର ଏକ କୋଣରେ ପାଠାଗାର ନିମନ୍ତେ ଏକ ସ୍ଥାନ ନିରୂପଣ କର ଏବଂ ନିର୍ବାଚିତ ପାଠ୍ୟପୁସ୍ତକର ଏକ ବିଶଦ ବିବରଣୀ, ତାହାର ସଂଖ୍ୟା, ଜ୍ଞାନ ଓ ଉପଯୋଗିତା ଆଧାରରେ ପ୍ରସ୍ତୁତ କର ।

## ୭.୭. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


୧. ଅଗ୍ନିହୋତ୍ରୀ ଆର.କେ (୨୦୦୭) ହିନ୍ଦି: An essential Grammar

୨. କ୍ରାସେନ ଷ୍ଟିଫେନ ଡି, (୧୯୮୧): London Routledge, Principles and practice in second Language Acquisition. English Language Teaching series, London, Prentice- Hall Internationational (UK) Ltd.

୩. ୱିଡୋସନ, ଏଚ.ଜି (୧୯୯୦): Aspects of Language Teaching oxford: Oxford University press.

୪. Working papers of the summer Institute of Linguistics, 1997, Volume-41.1, ler letras.up. PE/ficheiros/6082. pdf10 NOV.2011.


## ୭.୮. ପାଠାନ୍ତ ପ୍ରଶ୍ନାବଳୀ

୧. ଉଦ୍ଦେଶ୍ୟ ଭିତ୍ତିରେ ବିଭିନ୍ନ ପ୍ରକାର ସାହିତ୍ୟ କ'ଣ ?

୨. ସାହିତ୍ୟ ପଢାଇବାବେଳେ ଜଣେ ଶିକ୍ଷକ ଭାବେ ଆପଣଙ୍କର ଅଭିଜ୍ଞତା କ'ଣ ?

୩. ଆପଣ ମୂଳ ପାଠବହି ପିଲାମାନଙ୍କୁ ପଢାଇବେ ନା ସେମାନଙ୍କୁ କେବଳ ସାରାଂଶ ବଢାଇବେ ? କାରଣ ଦର୍ଶାନ୍ତୁ ।

ଟିପ୍ପଣୀ

୪. ଛାତ୍ରମାନଙ୍କୁ ଅଭିପ୍ରେରିତ କରିବା ପାଇଁ କି ପ୍ରକାର ସହାୟକ ସାମଗ୍ରୀ ଆପଣ ବ୍ୟବହାର କରିବେ ?

୫. ସାହିତ୍ୟ ଶ୍ରେଣୀରେ ସମସ୍ତ ଚାରୋଟି ମୌଳିକ ଦକ୍ଷତା ଅଭ୍ୟାସ ନିମନ୍ତେ ଆପଣ କଣ କରିବେ ?

୬. ଶାସ୍ତ୍ରୀୟ କବିତା କହିଲେ ଆପଣ କ'ଣ ବୁଝନ୍ତି ? ଉଦାହରଣ ସହ ବୁଝାନ୍ତୁ ।

୭. ଭାଷା ଅଧ୍ୟାପନାବେଳେ ଆପଣ ସାହିତ୍ୟର ବିଭିନ୍ନ ବିଭାବକୁ କିପରି ପ୍ରୟୋଗ କରିବେ ?

୮. ପ୍ରାଥମିକ ଶ୍ରେଣୀର ପିଲାଙ୍କ ପାଇଁ ଗଳ୍ପ ବା କବିତା ମନୋନୟନ କଲାବେଳେ ଆପଣ କେଉଁ ବିଷୟ ସବୁ ବିଚାରକୁ ନେବେ ?

୯. ଭାଷା ଶିକ୍ଷାଦାନରେ ସାହିତ୍ୟର ଐତିହାସିକ ପୃଷ୍ଠଭୂମି ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରନ୍ତୁ ।